ସାପ୍ତାହିକ
ସ୍ୱୀକାର
The Sweekar
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
Postal Regd. No.: SBP/RN-01/2022-2024
RNI No. 66443/94
Vol.27 | Issue - 2 | 8 - 14 January 2023 | Sambalpur | Page- 8 | Invitation Price Rs.10

# ନୃସିଂହ ଗୁରୁଙ୍କ ସ୍ୱଦେଶ ପ୍ରୀତି ସମସ୍ତଙ୍କର ଧ୍ୟେୟ ହେଉ: ଆଇଆଇଏମ୍ ନିର୍ଦ୍ଦେଶକ







ସମ୍ବଲପୁର : ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ବିତିଯାଇଥିଲେ ମଧ ଉପନିବେଶବାଦୀ ମାନସିକତାରୁ ଆମେ ମୁକ୍ତ ହୋଇ ପାରିନାହୁଁ । ଏଭଳି ସ୍ଥିତିରେ ନୃସିଂହ ଗୁରୁଙ୍କ ସ୍ୱଦେଶ ପ୍ରୀତି ଆମ ସମସ୍ତଙ୍କର ଧ୍ୟେୟ ହେବା ଉଚିତ ବୋଲି ଆଇ.ଆଇ.ଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ କହିଛନ୍ତି ।

ସ୍ଥାନୀୟ ହୋଟେଲ ଶିଲା ଟାୱାର ଠାରେ ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ଆୟୋଜିତ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ତଥା ସାମ୍ବାଦିକ ନୃସିଂହ ଗୁରୁଙ୍କ ୩୯ତମ ଶ୍ରାଦ୍ଧୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଫେସର ଜୟସ୍ୱାଲ କହିଲେ ଯେ, ସ୍ୱାଧୀନତା ସଂଗ୍ରାମରେ ସତ୍ୟାଗ୍ରହ ଜରିଆରେ ବଳିଦାନ ଦେଇଥିବା ବ୍ୟକ୍ତିମାନଙ୍କ ମଧରେ ନୃସିଂହ ଗୁରୁ ଅଗ୍ରଗଣ୍ୟ ଥିଲେ । ସେହିପରି ଜଣେ ଆଦର୍ଶ ଓ ନିତୀନିଷ୍ଠ ବ୍ୟକ୍ତିଙ୍କୁ ସ୍ମରଣ କରିବା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ । ନୃସିଂହ ଗୁରୁ ବିଦେଶୀ ବସ୍ତ୍ର ଓ ସାମଗ୍ରୀକୁ ସମ୍ପୂର୍ଣ ବର୍ଜନ କରି ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରୁଥିଲେ । ତାଙ୍କର





ଆଦର୍ଶକୁ ଅନୁସରଣ କରି ସମ୍ବଲପୁର ଅଞ୍ଚଳକୁ ସ୍ୱଦେଶୀ ହସ୍ତତନ୍ତର ପେଣ୍ଠସ୍ଥଳୀ ରୂପେ ଗଢି ତୋଳିବା ପାଇଁ ଆଇଆଇଏମ ସମ୍ବଲପୁର ପ୍ରୟାସ ଜାରି ରଖିଛି ।

ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷାବିତ ଅରବିନ୍ଦ ମହାପାତ୍ର ନୃସିଂହ ଗୁରୁଙ୍କ ଜୀବନୀ ଉପରେ ଆଲୋକପାତ କରି କହିଥିଲେ ଯେ, ସ୍ୱର୍ଗତ ଗୁରୁ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଅନେକ ଲୋକ ହିତକର କାର୍ଯ୍ୟକରି ଯାଇଛନ୍ତି ।

ପ୍ରଫେସର ଶଙ୍କର ପ୍ରସାଦ ପତି କହିଥିଲେ ଯେ, ସ୍ୱର୍ଗତ ଗୁରୁଙ୍କ ନିରାଡମ୍ବର ଜୀବନଯାପନ ଓ ସମସ୍ତଙ୍କ ସହ ସୁସମ୍ପର୍କ ସ୍ଥାପନ ସମସ୍ତଙ୍କ ପାଇଁ ଧ୍ୟେୟ ହେଉ ।

ବରିଷ୍ଠ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା ତାଙ୍କ ଭାଷଣରେ ନୃସିଂହ ଗୁରୁ ସମ୍ବଲପୁରର ପ୍ରଥମ ସାମ୍ବାଦିକ ଥିଲେ ବୋଲି କହିଥିଲେ । ଏହାଛଡ଼ା ସେ ଅତ୍ୟନ୍ତ ସତ୍ୟବାଦୀ ଓ କର୍ମଠ ଥିଲେ ବୋଲି ଶ୍ରୀ ପଣ୍ଡା କହିଥିଲେ ।

ଏହି ଅବସରରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ନିକଟରେ ପୁରସ୍କୃତ ହୋଇଥିବା ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ବିଭୁତି ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା । ଏହାଛଡା ୯୦ ବର୍ଷ ବୟସରେ ପଦାର୍ପଣ କରିଥିବା ଶିକ୍ଷାବିତ ଅରବିନ୍ଦ ମହାପାତ୍ରଙ୍କ ପାଇଁ ସଭା ସ୍ଥଳରେ କେକ୍ କଟାଯାଇ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା । ସ୍ମୃତି ସମିତିର ସମ୍ପାଦକ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସଭା ପ୍ରାରମ୍ଭରେ ବିଶ୍ୱାମ୍ବ ବିଦ୍ୟା ମନ୍ଦିରର ଛାତ୍ର ପ୍ରତୀକ ଭୋଇ ଭଗବତ ଗୀତାର ଶ୍ଳୋକ ଆବୃତ୍ତି କରିଥିଲେ । ଶେଷରେ କାର୍ତ୍ତିକ ପ୍ରସାଦ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶେଫାଳି ରାଣୀ ଦାଶ ପୁରସ୍କାର ବିତରଣୀ ଅଧିବେଶନକୁ ସଂଯୋଜନା କରିଥିଲେ । ସର୍ବଶ୍ରୀ ପ୍ରଫୁଲ୍ଲ କୁମାର ଗୁରୁ, ରାଜେନ୍ଦ୍ର ସତନାମୀ, କମଳ ଲୋଚନ ପଣ୍ଡା, କୈଳାଶ ପଣ୍ଡା, ଅଶୋକ ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଝାରସୁଗୁଡ଼ା ଜିଲ୍ଲାରେ ଶିଳ୍ପାୟନର ପ୍ରଭାବ: ଦ୍ରୁତ ଗତିରେ ଜଙ୍ଗଲ ହ୍ରାସ ପାଉଛି

ଝାରସୁଗୁଡ଼ା : କୌଣସି ଅଞ୍ଚଳର ପ୍ରାକୃତିକ ସନ୍ତୁଳନ ବଜାୟ ରଖିବାକୁ ହେଲେ ମୋଟ ଭୌଗୋଳିକ ଅଞ୍ଚଳର ଅନ୍ୟୁନ ୩୩ ପ୍ରତିଶତ ଅଞ୍ଚଳ ଜଙ୍ଗଲ ଆଚ୍ଛାଦିତ ହେବା ଆବଶ୍ୟକ । ମାତ୍ର ଏହାର ଘୋର ଅଭାବ ଏବେ ରାଜ୍ୟର ଖଣି ଏବଂ ଶିଳ୍ପ ସମୃଦ୍ଧ ଝାରସୁଗୁଡ଼ା ଜିଲ୍ଲାରେ ଦେଖିବାକୁ ମିଳୁଛି । ଖଣି ଅଞ୍ଚଳରେ ବିସ୍ତୀର୍ଣ୍ଣ ଜଙ୍ଗଲ ଧ୍ୱଂସ ପାଇଥିବା ବେଳେ ଦ୍ରୁତ ଶିଳ୍ପାୟନ, ସହରୀକରଣ, ରାସ୍ତାଘାଟ, ରେଳପଥ, ପୋଲ, କୋଠାବାଡ଼ି ନିର୍ମାଣ, ଶିଳ୍ପ ବର୍ଜ୍ୟର କୃତ୍ରିମ ପାହାଡ଼ ସୃଷ୍ଟି ଯୋଗୁଁ ଜଙ୍ଗଲ ଅବକ୍ଷୟ ଧାରା ଦ୍ରୁତତର ହୋଇଛି । ଏବେ ଝାରସୁଗୁଡ଼ା ଜିଲ୍ଲାରେ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳର ପରିମାଣ ମାତ୍ର ୧୫ ପ୍ରତିଶତରେ ସୀମିତ ରହିଛି । ଯାହାକି ପରିବେଶଗତ ବିପର୍ଯ୍ୟୟ ଏବଂ ଅସନ୍ତୁଳନର ଉଦ୍‌ବେଗଜନକ ସ୍ଥିତିକୁ ବୟାନ କରୁଛି ।

ଝାରସୁଗୁଡ଼ା ଇଲାକା ପୂର୍ବରୁ ସମ୍ବଲପୁର (ଉତ୍ତର) ବନଖଣ୍ଡରେ ରହିଥିଲା । ଗତ ୨୦୦୩ ମସିହାରେ ସମ୍ବଲପୁର ଉତ୍ତର ବନଖଣ୍ଡ ଝାରସୁଗୁଡ଼ା ବନଖଣ୍ଡ ନାମରେ ନାମିତ ହେଲା । ୨୦୧୩ ମସିହାରେ ଝାରସୁଗୁଡ଼ା ବନଖଣ୍ଡର କାର୍ଯ୍ୟାଳୟ ଝାରସୁଗୁଡ଼ାରେ ଅବସ୍ଥାପିତ ହେବା ସହ କାର୍ଯ୍ୟ କରିବାକୁ ଲାଗିଲା । ଏହି ଡିଭିଜନ ୨୦୮୧ ବର୍ଗ କିଲୋମିଟର ଇଲାକାରେ ପରିବ୍ୟାପ୍ତ । ଗତ ୨୦୦୦-୨୦୦୧ ମସିହାର ସରକାରୀ ତଥ୍ୟ ଅନୁଯାୟୀ ଝାରସୁଗୁଡ଼ା ଜିଲ୍ଲାରେ ଜଙ୍ଗଲ ପରିମାଣ ୨୦୨.୪୪ ବର୍ଗ କିଲୋମିଟର ରହିଥିଲା ଯାହାକି ଭୌଗୋଳିକ କ୍ଷେତ୍ରର ୯.୭୨ ପ୍ରତିଶତ । ସେହିପରି ୨୦୦୩ ମସିହାର ତଥ୍ୟ ଅନୁଯାୟୀ ଜିଲ୍ଲାରେ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ପରିମାଣ ୨୮୯ ବର୍ଗ କିଲୋମିଟର ରହିଥିଲା ଅର୍ଥାତ ଭୌଗୋଳିକ ଇଲାକାର ୧୩.୮୮ ପ୍ରତିଶତ । ୨୦୦୯ ମସିହାରେ ୩୦୦ ବର୍ଗ କିଲୋମିଟର ଅର୍ଥାତ ୧୪.୪୨ ପ୍ରତିଶତ, ୨୦୧୧ ମସିହାରେ ଜଙ୍ଗଲ ଆଚ୍ଛାଦିତ ପରିମାଣ ୨୯୯ ବର୍ଗ କିଲୋମିଟର (୧୪.୩୭ ପ୍ରତିଶତ) ଏବଂ ୨୦୧୩ ମସିହାରେ ୩୧୧ ବର୍ଗ କିଲୋମିଟର ଅର୍ଥାତ ୧୪.୯୪ ପ୍ରତିଶତ ରହିଥିଲା । ୨୦୧୯ ମସିହାର ତଥ୍ୟ ଅନୁଯାୟୀ ଭୌଗୋଳିକ କ୍ଷେତ୍ରର ପରିମାଣ ୨୦୮୧ରୁ ୨୧୧୪ ବର୍ଗ କିଲୋମିଟରକୁ ବୃଦ୍ଧି ପାଇଥିବା ବେଳେ ଜଙ୍ଗଲ ଆଚ୍ଛାଦିତ ଇଲାକାର ପରିମାଣ ୩୩୨.୬୪ ବର୍ଗକିଲୋମିଟର ଅର୍ଥାତ ୧୫.୭୪ ପ୍ରତିଶତ ରହିଛି । ୨୦୨୧ ମସିହାରେ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ୩୩୫.୩୭ ବର୍ଗ କିଲୋମିଟର ଅର୍ଥାତ ୧୫.୮୬ ପ୍ରତିଶତକୁ ବୃଦ୍ଧି ପାଇଛି । ଜିଲ୍ଲାରେ ନୂତନ ଶିଳ୍ପ ଏବଂ ଖଣି ପ୍ରତିଷ୍ଠା ସାଙ୍ଗକୁ ଅନ୍ୟାନ୍ୟ ପ୍ରକଳ୍ପ ଲାଗି ବିପୁଳ ପରିମାଣର ଜଙ୍ଗଲ ଜମି ପ୍ରଦାନ କରାଯାଇ ଆସିଛି । ଏହି ପ୍ରକ୍ରିୟାରେ ବିସ୍ତୀର୍ଣ୍ଣ ଜଙ୍ଗଲ ଉଜୁଡ଼ିବାକୁ ଲାଗିଛି । ମାତ୍ର ସେହି ଅନୁଯାୟୀ ନୂତନ ଜଙ୍ଗଲ ସୃଷ୍ଟି ହୋଇ ପାରୁନାହିଁ । ଝାରସୁଗୁଡ଼ା ବନଖଣ୍ଡ କାର୍ଯ୍ୟାଳୟର ତଥ୍ୟ ଅନୁଯାୟୀ ଗତ ୧୯୮୯ ମସିହା ଠାରୁ ଅଦ୍ୟାବଧି ୩୬ଟି ପ୍ରକଳ୍ପ ସକାଶେ ଜଙ୍ଗଲ ଜମି କିସମ ପରିବର୍ତ୍ତନ ପ୍ରସ୍ତାବ ସହ ଷ୍ଟେଜ- ୨ କ୍ଲିୟରାନ୍ସକୁ ମଞ୍ଜୁରୀ ମିଳିଛି । ଯେଉଁଥିରେ ୨୮୩୩.୮୫୯୩ ହେକ୍ଟର ଜଙ୍ଗଲ ଜମି କିସମ ପରିବର୍ତ୍ତନ ପୂର୍ବକ ବ୍ୟବହୃତ ହୋଇଛି । ଝାରସୁଗୁଡ଼ା ବନଖଣ୍ଡ ମଧରେ ୧୯୭୭.୯୬୭୬ ହେକ୍ଟର ଜମିରେ କ୍ଷତିଭରଣାକାରୀ ଜଙ୍ଗଲ ସୃଷ୍ଟି ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି । ଝାରସୁଗୁଡ଼ା ବନଖଣ୍ଡ ଇଲାକାରେ ଖଣି ଏବଂ ଶିଳ୍ପ ସଂସ୍ଥାଙ୍କୁ ଜଙ୍ଗଲ ଜମି କିସମ ପରିବର୍ତ୍ତନ ପୂର୍ବକ ବ୍ୟବସ୍ଥାନୁଯାୟୀ ପ୍ରଦାନ କରାଯାଇଛି ।

ହୀରାକୁଦ ଜଳଭଣ୍ଡାରର ଅଜସ୍ର ଜଳରାଶି ଏବଂ କୋଇଲା ଓ ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦକୁ ଭିତ୍ତି କରି ଶିଳ୍ପାୟନ ଏବଂ ଖଣି ଖନନ ଜଙ୍ଗଲ ସମ୍ପଦକୁ ସଙ୍କୁଚିତ କରି ଆସିଛି । ହୀରାକୁଦ ବନ୍ଧକୁ ଭିତ୍ତି କରି କରାଯାଇଥିବା ସର୍ବେକ୍ଷଣ ଅନୁଯାୟୀ ୧୯୩୦ରୁ ୧୯୭୫ ମସିହା ମଧରେ ୪୫ ପ୍ରତିଶତ ସଂରକ୍ଷିତ ଜଙ୍ଗଲ ସମ୍ବଲପୁର ଓ ଝାରସୁଗୁଡ଼ାର ୨୦ ମାଇଲ ବ୍ୟାସାର୍ଦ୍ଧ ମଧରେ ଧ୍ୱଂସ ପାଇଛି । ଖାସକରି ୧୯୫୦ ଦଶକ ପରେ ଉଭୟ ସମ୍ବଲପୁର ଏବଂ ଝାରସୁଗୁଡ଼ା ଇଲାକାରେ ଜଙ୍ଗଲ ସମ୍ପଦର ଦ୍ରୁତ ଅବକ୍ଷୟ ଦେଖିବାକୁ ମିଳିଛି । ବହୁମୁଖୀ ହୀରାକୁଦ ନଦୀବନ୍ଧ ପ୍ରତିଷ୍ଠା ପରଠାରୁ ଏହି ଜଙ୍ଗଲ ଅବକ୍ଷୟ ଦ୍ରୁତତର ହୋଇଛି । ତଥ୍ୟ ଅନୁଯାୟୀ ୧୯୨୯ରୁ ୧୯୭୫ ମସିହା ମଧରେ ସମ୍ବଲପୁର ଇଲାକାରେ ୧୭୪.୪୬ ବର୍ଗ ମାଇଲ ଅର୍ଥାତ ୪୩ ପ୍ରତିଶତ ଜଙ୍ଗଲ ଧ୍ୱଂସ ପାଇଥିବା ବେଳେ ଝାରସୁଗୁଡ଼ା ଇଲାକାରେ ଏହି ଜଙ୍ଗଲ ହ୍ରାସ ପରିମାଣ ୧୭୬.୯୭ ବର୍ଗ ମାଇଲ ଅର୍ଥାତ ୪୬ ପ୍ରତିଶତ ରହିଥିଲା । ଅର୍ଥାତ ସମ୍ବଲପୁରରେ ୧୯୨୯ ମସିହାରେ ୪୦୯.୦୭ ବର୍ଗ ମାଇଲ ଜଙ୍ଗଲ ରହିଥିବା ବେଳେ ୧୯୭୫ ବେଳକୁ ଏହା ହ୍ରାସ ପାଇ ୨୩୪.୭୦ ବର୍ଗ ମାଇଲକୁ ପହଞ୍ଚିଥିଲା । ସେହିପରି ଝାରସୁଗୁଡ଼ାରେ ୧୯୨୯ ବେଳକୁ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ୩୮୧.୨୮ ବର୍ଗ ମାଇଲ ରହିଥିବା ବେଳେ ୧୯୭୫ ବେଳକୁ ତାହା ହ୍ରାସ ପାଇ ୨୦୪.୩୦ ବର୍ଗ ମାଇଲରେ ପହଞ୍ଚିଥିଲା । ହୀରାକୁଦ ଜଳଭଣ୍ଡାରରେ ୨୩ ହଜାର ୯୮୮ ହେକ୍ଟର ଜଙ୍ଗଲ ଜମି ଏବଂ ୪୯ ହଜାର ୮୮୮ ହେକ୍ଟର ଚାଷୋପଯୋଗୀ ଓ ଅନ୍ୟାନ୍ୟ ଜମି ମିଶି ସମୁଦାୟ ୭୪ ହଜାର ୩୦୦ ହେକ୍ଟର ଜମି ଜଳ ସମାଧି ନେଇଛି । ହୀରାକୁଦ ଜଳଭଣ୍ଡାର ଉପକଣ୍ଠ ତଥା ପାରିପାର୍ଶ୍ୱିକ ଇଲାକାର ଜଙ୍ଗଲ ଅବକ୍ଷୟର ଧାରାକୁ ନେଇ ସର୍ଭେକ୍ଷଣ ତଥ୍ୟର ଅବଲୋକନ କଲେ ଜଣାଯାଏ କି, ୧୯୭୨ରୁ ୧୯୭୫ ମଧରେ ୧୦୧୨ ବର୍ଗ କିଲୋମିଟର ଏବଂ ୧୯୮୦ରୁ ୧୯୮୨ ମସିହା ମଧରେ ୧୦୪୩ ବର୍ଗ କିଲୋମିଟର ଜଙ୍ଗଲ ଧ୍ୱଂସ ପାଇଥିଲା । ଏହି ଅବଧି ମଧରେ ପ୍ରାୟ ୩୯ ବର୍ଗ କିଲୋମିଟର ଜଙ୍ଗଲ ଲଣ୍ଡା ହୋଇଥିଲା ।

## କେନ୍ଦ୍ର, ରାଜ୍ୟ ପ୍ରଦୂଷଣ ବୋର୍ଡର ବେଦାନ୍ତକୁ ସୁପ୍ରିମକୋର୍ଟର ନୋଟିସ୍

ନୂଆଦିଲ୍ଲୀ : ବେଦାନ୍ତର ଝାରସୁଗୁଡ଼ା ସ୍ଥିତ ଆଲମୁନିୟମ ସ୍ମେଲ୍ଟର ପ୍ଲାଣ୍ଟ ସମ୍ପ୍ରସାରଣ ନିମନ୍ତେ କେନ୍ଦ୍ର ଜଙ୍ଗଲ ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟ ଦ୍ୱାରା ଜାରି ପରିବେଶ ମଞ୍ଜୁରୀକୁ ବିରୋଧ କରି ସର୍ବୋଚ୍ଚ ନ୍ୟାୟାଳୟରେ ଆଗତ ମାମଲାରେ ନୋଟିସ ଜାରି ହୋଇଛି । ପରିବେଶବିତ୍ ସତ୍ୟନାରାୟଣ ରାଓଙ୍କ ଦ୍ୱାରା ଆଗତ ସିଭିଲ ଅପିଲର ଶୁଣାଣି କରି ବିଚାରପତି ସଞ୍ଜୀବ ଖାନ୍ନା ଓ ବିଚାରପତି ଏମ ଏମ ସୁନ୍ଦରେଶଙ୍କ ଖଣ୍ଡପୀଠ ଚାରି ସପ୍ତାହ ମଧରେ ଜବାବ ଦାଖଲ କରିବାକୁ କେନ୍ଦ୍ର ଜଙ୍ଗଲ ପରିବେଶ ଓ ଜଳବାୟୁ ମନ୍ତ୍ରାଳୟ ବେଦାନ୍ତ କମ୍ପାନୀ, ଓଡ଼ିଶା ସରକାର ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଝାରସୁଗୁଡ଼ାରେ ବେଦାନ୍ତର କ୍ୟାପିଟଭ ପାୱାର ପ୍ଲାଣ୍ଟ କ୍ଷମତା ବୃଦ୍ଧି ବିନା ଆଲମୁନିୟମ ସ୍ମେଲ୍ଟର ପ୍ଲାଣ୍ଟ ଉତ୍ପାଦନ କ୍ଷମତା ୧୬ ଏଲଟିପିଏରୁ ୧୮ ଏଲଟିପିଏକୁ ବୃଦ୍ଧି ଲାଗି କେନ୍ଦ୍ର ଜଙ୍ଗଲ ପରିବେଶ ଓ ଜଳବାୟୁ ମନ୍ତ୍ରାଳୟ ଗତ ମେ ୫ରେ ଅନୁମତି ପ୍ରଦାନ କରିଥିଲେ ।

## ଏ ସଂଖ୍ୟାରେ..



ଗୁଡ଼ ଖାଇଲେ ୭ ଦିନରେ ଲାଭ ମିଳିବ



ସୁସ୍ଥ ରଖେ ଦହି ଭାତ



ବହୁ ଦରକାରୀ ଭୃଷଙ୍ଗ ପତ୍ର



ଶରୀର ପାଇଁ ବହୁ ଲାଭକାରୀ ଗାଜର



ଶରୀର ପାଇଁ କର୍ପୂରରେ ଉପଚାର



ପୋଦିନାର ଉପକାରିତା

## ଏକାଦଶ କୃଷି ଗଣନା ୨୦୨୧-୨୨ ନିମନ୍ତେ ପ୍ରଥମ ଜିଲ୍ଲା ସ୍ତରୀୟ ସଂଯୋଜନା କମିଟି ବୈଠକ

ସୁବର୍ଣ୍ଣପୁର: ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଆନୁକୂଲ୍ୟରେ ହେବାକୁ ଯାଉଥିବା ଏକାଦଶ କୃଷି ଗଣନା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ପ୍ରଥମ ଜିଲ୍ଲା ସ୍ତରୀୟ ସଂଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା କୃଷି ଗଣନା ଅଧିକାରୀ ଶ୍ରୀମତୀ ଅବୋଲି ସୁନୀଲ ନରୱାଣେଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ )ଶ୍ରୀ ସୂର୍ଯ୍ୟ ନାରାୟଣ ଦାଶଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କୃଷି ଗଣନାର ଆଭିମୁଖ୍ୟ ସହିତ ଚଳିତ ବର୍ଷ ପାଇଁ ଏଥିରେ ସାମିଲ ହେବାକୁ ଥିବା ନୂତନ ନିୟମାବଳୀ ସମ୍ବନ୍ଧରେ ଆଲୋଚନା କରାଯାଇଛି । ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ଧାର୍ଯ୍ୟ କରାଯାଇଥିବା ସମୟ ଅନୁଯାୟୀ ଡିସେମ୍ବର ମଧ୍ୟରେ ସର୍ଭେ ପାଇଁ ଆବଶ୍ୟକ କର୍ମଚାରୀଙ୍କ ତାଲିକା ପ୍ରସ୍ତୁତି ସହ ତାଲିମ ପ୍ରଦାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯାଇ ଜାନୁଆରୀ ରୁ କ୍ଷେତ୍ରୀୟ ସର୍ଭେ କାର୍ଯ୍ୟ ଆରମ୍ଭ କରାଯିବା ନେଇ ବୈଠକରେ ସୂଚନା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ କୁ ସୁବ୍ୟବସ୍ଥିତ ଓ ସୁପରିଚାଳନା ନିମନ୍ତେ ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ବିଭାଗର କର୍ମଚାରୀ, କୃଷି ବିଭାଗର ଗ୍ରାମସେବକ ସହ ରାଜସ୍ୱ ବିଭାଗର କ୍ଷେତ୍ର ଅଧିକାରୀ ସାମିଲ ରହିବେ । ଜିଲ୍ଲାର ସମସ୍ତ କୃଷି ଗଣନା ୯୮୮ ଗ୍ରାମ ରେ ଏହି ସର୍ଭେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥି ନିମନ୍ତେ ୯୨ ଜଣ କର୍ମଚାରୀ ନିୟୋଜିତ ରହିବେ । ପ୍ରକାଶ ଥାଉକି ଉଦାହରଣ ଭାବେ ୨୦ ପ୍ରତିଶତ ଗ୍ରାମକୁ ସର୍ଭେ କରାଯାଇ ୧୦ମ କୃଷି ଗଣନା କରାଯାଇ ଥିବାବେଳେ ଚଳିତ ଏକାଦଶ କୃଷି ଗଣନାରେ ଜିଲ୍ଲାର ଶତ ପ୍ରତିଶତ ଗ୍ରାମକୁ ଡିଜିଟାଲ ଭାବେ ମୋବାଇଲ ଆପ ଜରିଆରେ ସମସ୍ତ ସର୍ଭେ କରାଯାଇ ୩ଟି ପର୍ଯ୍ୟାୟରେ ଡାଟାବେସ ପ୍ରସ୍ତୁତି କରାଯିବ । ଏହି ଗଣନା କାର୍ଯ୍ୟରେ ଜମିର ମାଲିକାନା, ଜମିର ଆକାର ପ୍ରକାର, କୃଷି ଯନ୍ତ୍ରପାତି ଉପଯୋଗ, ତଥା ଅନ୍ୟାନ୍ୟ କୃଷି ଆନୁସଙ୍ଗିକ ବ୍ୟବହାର, ଫସଲ ପ୍ରଣାଳୀ ଆଦି ଉପରେ ତଥ୍ୟ ସଂଗ୍ରହ କରାଯିବ । ଡିଜିଟାଲ ମାଧ୍ୟମରେ ଥିବା ଜମିର ରେକର୍ଡ କୁ ଏଥିପାଇଁ ବ୍ୟବହାର କରାଯିବ । ଏହି ଗଣନା କାର୍ଯ୍ୟର ପରିଚାଳନାଓ ଅଗ୍ରଗତି ବିଭାଗ ୱେବ ପୋର୍ଟାଲ ରେ ମଧ ଅପଲୋଡ୍ କରାଯିବ । ଏହି ସଂଯୋଜନା କମିଟି ବୈଠକ ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ଉପ ନିର୍ଦ୍ଦେଶକ ଶ୍ରୀ ଚତୁର୍ଭୁଜ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ କମିଟିର ସଦସ୍ୟ ଉପନିର୍ଦ୍ଦେଶକ କୃଷି ଗୌରୀ ଶଙ୍କର ଫି, ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡାକ୍ତର ଏ.କେ କର, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ହୃଷିକେଶ ଦାଶ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଡି ଆଇ ଓ ବିକାଶ ରଞ୍ଜନ ନାୟକ ପ୍ରମୁଖ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଉଦ୍‌ଯାପିତ

ବରଗଡ଼ : ସର୍ବ ବୃହତ ତଥା ସୁଦୀର୍ଘ ୧୧ ଦିନ ଧରି ମୁକ୍ତାକାଶ ରଙ୍ଗମଂଚରେ ଚାଲିଥିବା ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ଦୃଶ୍ୟାଭିନୟ କଂସବଧ ସହ ପରିସମାପ୍ତି ଘଟିଛି । ଏହା ସହିତ ବରଗଡ଼ (ମଥୁରାନଗରୀ) ଓ ବରଗଡ଼ ସନ୍ନିକଟ ଜୀରା ନଦୀ ଅପର ପାର୍ଶ୍ୱସ୍ଥ (ଗୋପପୁର) ଅମ୍ବାପାଲିରେ ଚାଲିଥିବା ୧୧ ଦିନର ସାଂସ୍କୃତିକ ଯାତ୍ରା ଉଦ୍‌ଯାପିତ ହୋଇଛି । ଅନ୍ତିମ ଦିବସରେ ମଥୁରାନଗରୀ ଜିଲ୍ଲାପାଳ ମୋନିଷା ବାନାର୍ଜି ଓ ଆରକ୍ଷୀ ଅଧିକ୍ଷକ ସ୍ମିଥ ପି.ପରମାର ରାଜ ଅତିଥି ଭାବେ ଯୋଗ ଦେଇ କଂସଙ୍କ ଆତିଥ୍ୟ ସ୍ୱୀକାର କରିବା ସହିତ ଦରବାରରେ ସମ୍ମାନିତ ବିଭିନ୍ନ ପୁରସ୍କାର ବିତରଣୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଧନୁଯାତ୍ରା ସମ୍ପାଦକ ସୁରେଶ୍ୱର ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ସମୟରେ ସମସ୍ତ କମିଟି ଆବାହକମାନେ ମଂଚାସୀନ ହୋଇ ନିଜ କମିଟି ପଦକ୍ଷେପ ଉପସ୍ଥାପନ କରିଥିଲେ ।

## ଦୟାମଣି ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ପରଲୋକ

ସମ୍ବଲପୁର : ଦୟାମଣି ବୃଦ୍ଧାଶ୍ରମର ଅନ୍ତେବାସୀ ସନତ ବେହେରାଙ୍କ ଦେହାନ୍ତ ହୋଇଯାଇଛି । ସେ ୨୦୧୯ ମସିହାରେ ବୃଦ୍ଧାଶ୍ରମର ଆରମ୍ଭ ହେବା ଦିନଠାରୁ ରହୁଥିଲେ । ଜଣେ ଧର୍ମ ପରାୟଣା ମହିଳା ଥିବା ସନତ୍ ଆଶ୍ରମର ସମସ୍ତ କାର୍ଯ୍ୟରେ ସହଯୋଗ କରିବା ସାଙ୍ଗକୁ ଅନ୍ତେବାସୀମାନଙ୍କୁ ମଧ ସେବା କରି ଆସୁଥିଲେ । ସେ ଏକବର୍ଷ ପର୍ଯ୍ୟନ୍ତ ପକ୍ଷାଘାତ ରୋଗରେ ପୀଡ଼ିତ ଥିଲେ । ମୃତ୍ୟୁ ସମୟରେ ତାଙ୍କ ଝିଅ ଭାବନା ବେହେରା ଉପସ୍ଥିତ ଥିଲେ । ଡାକ୍ତର ଲକ୍ଷ୍ମୀ ନାରାୟଣ ରଥ ଓ ଡାକ୍ତର ଜ୍ଞାନ ରଞ୍ଜନ ଦାଶ ମୃତ ବୋଲି ଘୋଷଣା କରିଥିଲେ । ଆଶ୍ରମର ଅଧକ୍ଷା ସୁଶ୍ରୀ ପ୍ରମିଳା ବହିଦାର, ବାବାଜୀ ପଟ୍ଟନାୟକ, ମନବୋଧ ତ୍ରିପାଠୀ ପ୍ରବୀର ବହିଦାର ଓ ପାର୍ଥ ସାରଥି ଦାନୀ ମିଳିତ ଭାବରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ । ଆସନ୍ତା ୧୧ ତାରିଖ ଦିନ ନୃସିଂହ ନାଥ ଠାରେ ତାଙ୍କର ଅସ୍ଥି ବିସର୍ଜନ ଓ ଶୁଦ୍ଧି କ୍ରିୟା କରାଯିବା ପରେ ୧୫ ତାରିଖ ଦିନ ତାଙ୍କର ଆତ୍ମାର ସଦ୍‌ଗତି ପାଇଁ ବୃଦ୍ଧାଶ୍ରମରେ ଭଜନକୀର୍ତ୍ତନ ସାଙ୍ଗକୁ ବ୍ରାହ୍ମଣ ଭୋଜନର ଆୟୋଜନ କରାଯାଇଛି ।

## ବିଜେପୁରରେ ପୁରୁଷ ବିଶ୍ୱ ହକି କପ-୨୦୨୩ କୁ ବିପୁଳ ସ୍ୱାଗତ

ବରଗଡ: ବିଜେପୁର ସ୍ଥିତ ବ୍ଲକ ପଡିଆ ଠାରେ ପୁରୁଷ ହକି କପ ପହଞ୍ଚିବା ପରେ ଭବ୍ୟ ସ୍ୱାଗତ କରାଯାଇଥିଲା । ହକି ବିଶ୍ୱକପକୁ ବିଜେପୁର ସହରର ଅନତି ଦୂରରେ ଥିବା ସରଣ୍ଡାପାଲି ଛକ ଠାରେ ବିଜେପୁର ତହସିଲଦାର ଆର୍ତ୍ତତ୍ରାଣ ଥାଟୀ ଏବଂ ଥାନା ଅଧିକାରୀ ସନୟ କୁମାର ନାଏକ, ବିଡ଼ିଓ ସରୋଜ କୁମାର ବିଶ୍ୱାଳ, ବିଜ୍ଞାପିତ ଅଞ୍ଚଳ ପରିଷଦ ର କାର୍ଯ୍ୟନିର୍ବାହୀଅଧିକାରୀ ରାଜେଶ କୁମାର ଏକ୍କା,ଅତିରିକ୍ତ ଜିଲ୍ଲାପାଳ କୃତିବାସ ରାଉତ,




ସହକାରୀ କୃଷି ଅଧିକାରୀ ସନ୍ୟାସୀ ସେଠ ହକି ବିଶ୍ୱକପ ରଥଙ୍କୁ ସ୍ୱାଗତ କରି ବିଜେପୁର ଅଭିମୁଖେ ପାଛୋଟି ନେଇଥିଲେ । ପଡିଆକୁ ପୋଛୋଟି ଆଣିବା ସମୟରେ ସ୍କୁଲ କଲେଜର ଛାତ୍ରଛାତ୍ରୀ ଗଣ ତଥା ଶତାଧିକ ଜନସାଧାରଣ ସ୍ୱାଗତ କରିବା ସହ ବିଶ୍ୱ ହକି ଟ୍ରଫି ସହ ବେଶ ସେଲଫି ନେଇଥିଲେ । ଏହାପରେ ରଥଟି ବରଗଡ ଅଭିମୁଖେ ଯାତ୍ରା କରିଥିଲା । ଦେଖଣାହାରୀ ଙ୍କ ପାଇଁ ତହସିଲଦାରଙ୍କ ଉଦ୍ୟମରେ ସୁଦୂର ସୋନପୁର ର ପ୍ରତିଷ୍ଠିତ କଳାକାର ଶାଶ୍ୱତ କୁମାର ତ୍ରିପାଠୀଙ୍କ ରୁମକୁଝୁମାନା ଅର୍କେଷ୍ଟ୍ରା ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ତତସଙ୍ଗେସଙ୍ଗେ ବାପୁଜୀ ହାଇସ୍କୁଲ ଖରମୁଣ୍ଡା ର ଛାତ୍ରମାନେ ଦୁଲଦୁଲି ବଜାଇ ତାଳେତାଳେ ସ୍ୱାଗତ କରିବା ବେଶ ଉପଭୋଗ୍ୟ ହୋଇଉଠିଥିଲା ।

## ଝାରସୁଗୁଡ଼ା ଜିଲ୍ଲାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

ଝାରସୁଗୁଡ଼ା: ଝାରସୁଗୁଡା ଓ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ଭୋଟର ପଞ୍ଜୀକରଣ ଅଧିକାରୀ ତଥା ଉପଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ଜିଲ୍ଲାର ସମସ୍ତ ବୁଥ, ବ୍ଲକ, ତହସିଲ ଓ ପୌର ପରିଷଦ କାର୍ଯ୍ୟାଳୟରେ ପ୍ରକାଶିତ ହୋଇଛି । ପଞ୍ଜୀକୃତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ମଧ ଏହି ତାଲିକା ପ୍ରଦାନ କରାଯାଇଛି । ସଂଶୋଧନ ପୂର୍ବରୁ ଜିଲ୍ଲାର ମୋଟ ପଞ୍ଜୀକୃତ ଭୋଟର ସଂଖ୍ୟା ୪୩୪୧୨୯ ରହିଥିଲା । ସଂଶୋଧନ କାର୍ଯ୍ୟକ୍ରମ ଅନୁସାରେ ନୂତନ ନାଁ ସଂଯୋଗ ନିମନ୍ତେ ୩୫୩୪, ନାମ ବାଦ ଦେବା ନିମନ୍ତେ ୩୪୭୪, ନାମ ସଂଶୋଧନ ତଥା ସ୍ଥାନ ପରିବର୍ତ୍ତନ ନିମନ୍ତେ ୧୩୫୪ଟି ଆବେଦନ ଅନୁମୋଦନ ହୋଇଛି । ଚୂଡ଼ାନ୍ତ ତାଲିକା ଅନୁସାରେ ଜିଲାରେ ମୋଟ ୪୩୩୩୫୪ ଭୋଟର ପଞ୍ଜୀକୃତ ଥିବାବେଳେ ତନ୍ମଧ୍ୟରୁ ୨୧୯୦୬୭ ପୁରୁଷ, ୨୧୪୨୧୦ ମହିଳା ଓ ୭୭ଜଣ ତୃତୀୟ ଲିଙ୍ଗ ଅଛନ୍ତି । ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ମୋଟ ପୁରୁଷ ଭୋଟର ୧୦୮୩୦୬, ମହିଳା ଭୋଟର ୧୦୩୧୯୪ ଓ ୧୬ ଜଣ ତୃତୀୟ ଲିଙ୍ଗ ଅଛନ୍ତି । ସେହିପରି ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ ପୁରୁଷ ଭୋଟର ୧୧୦୭୬୧, ମହିଳା ଭୋଟର ୧୧୧୦୧୬ ଓ ତୃତୀୟ ଲିଙ୍ଗ ଭୋଟର ୬୧ ଜଣ ଅଛନ୍ତି ।

## 'ଜ୍ୟୋତି' ତରଫରୁ ଲୁଇସ୍ ବ୍ରେଲ ଜୟନ୍ତୀ ପାଳିତ

ସମ୍ବଲପୁର: 'ଜ୍ୟୋତି' ଅନୁଷ୍ଠାନ ପକ୍ଷରୁ ସଭାପତି ଡକ୍ଟର ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ଲୁଇସ୍ ବ୍ରେଲ ଜୟନ୍ତୀ (ବ୍ରେଲ ଦିବସ) ପାଳିତ ହୋଇ ଯାଇଛି । ଏଥିରେ ଆକାଶ ବାଣୀର ଅଧିକାରୀ ଶ୍ରୀ ମନୋଜ ପୂଜାରୀ ଏବଂ ଶିକ୍ଷାବିତ୍ ଭକ୍ତ ପ୍ରସାଦ ନନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଉପସଭାପତି ଅଖିଳ ରଞ୍ଜନ ପଟ୍ଟନାୟକ, ବରିଷ୍ଠ ସଦସ୍ୟ କୈଳାଶ ମିସ୍ତ୍ରୀ, ସୁକାନ୍ତ ବହିଦାର, ଶିବନାରାୟଣ ପାଣିଗ୍ରାହୀ, ଚନ୍ଦ୍ରାବଳୀ ମହାପାତ୍ର, ରବି ନାରାୟଣ ନନ୍ଦ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସହଯୋଗ କରିଥିଲେ । ଶେଷରେ ସଂଯୋଜକ କଳ୍ପନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁନ୍ଦରଗଡ଼ ଜିଲ୍ଲାରେ ୭୬ତମ ପ୍ରତିଷ୍ଠା ଦିବସ

ସୁନ୍ଦରଗଡ଼ : ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ବିକାଶ ଭବନ ଠାରେ ଉପଜିଲ୍ଲାପାଳ ଅଭିମନ୍ୟୁ ବେହେରାଙ୍କ ଅଧକ୍ଷତାରେ ସୁନ୍ଦରଗଡ଼ ଜିଲ୍ଲାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସୁନ୍ଦରଗଡ଼ର ଐତିହ୍ୟ ଓ ସଂସ୍କୃତି ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକ ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ତଥା ବର୍ଷିଆନ ସାହିତ୍ୟିକ ଗିରି ଦଣ୍ଡସେନା, ବିଧାୟିକା କୁସୁମ ଟେଟେ, ସୁନ୍ଦରଗଡ଼ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ବିନୟ ଟପ୍ପୋ, ଜିଲ୍ଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, ଉପନଗରପାଳ ଲଲାଟେନ୍ଦୁ ପରିଡ଼ା ଜିଲ୍ଲାର ବିକାଶ ପାଇଁ ସମସ୍ତ ସହଭାଗୀତା କାମନା କରିଥିଲେ । ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, ଅଶୋକ କୁମାର ଦାଶ, ଝାରସୁଗୁଡ଼ା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡକ୍ଟର ଚିରବ୍ରତ ଦତ୍ତ, ଜିଲ୍ଲା ଓକିଲ ସଂଘର ସଭାପତି କମଳ ସେନ୍, ଅଧ୍ୟାପିକା ସୁସ୍ମିତା ଭୋଇ ମଧ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସଦର ଉପଜିଲ୍ଲାପାଳ ଦାଶରଥି ସବାବୁ, ତହସିଲଦାର କୁଳମଣି ରଣବିଡ଼ା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ କୁଳଦୀପ ଖାଖା ଧନ୍ୟବାଦ ପ୍ରଦାନ କରିଥିଲେ । ସକାଳେ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିର ଠାରୁ ଏକ ମଶାଲ ଶୋଭାଯାତ୍ରା ବାହାରି ବିକାଶ ଭବନ ଠାରେ ପହଞ୍ଚି ଥିଲା । ଜିଲ୍ଲାପାଳ ଡାକ୍ତର ଗାଭାଲି ପରାଗ ହର୍ଷଦ, ଏସ୍.ପି ସାଗରିକା ନାଥ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମନୋଜ ସତ୍ୟବାଦ ମହାଜନ, ଅତିରିକ୍ତ ଜିଲ୍ଲାପାଳ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସରୋଜ ମିଶ୍ର, ନଗରପାଳ ତନୟା ମିଶ୍ର ଏହି ମଶାଲ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ଭବନ ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସାହିତ୍ୟିକ ଛବିଳ ସେଠ, ଶିକ୍ଷାବିତ୍ ଗୋକୁଳାନନ୍ଦ ନାଏକ, କ୍ରୀଡ଼ା ସଙ୍ଗଠକ ଆନନ୍ଦ ଚନ୍ଦ୍ର ନାଏକଙ୍କ ସହ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡାକ୍ତର ପଦାରବିନ୍ଦ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ସୁନ୍ଦରଗଡ଼ ପ୍ରତିଷ୍ଠା ଦିବସ ଅବସରରେ ପୂର୍ବରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ହୋଇଥିବା ବକ୍ତୃତା, କୁଇଜ, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କଳାକାରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନରେ ସାହିତ୍ୟିକ ଗୋପ କୃଷ୍ଣ ନାୟକ, ଆଇନଜୀବୀ ଅଶୋକ ସ୍ୱାଇଁ, କଳାକାର ରୋଶନ ସାହୁ, ଉଦ୍ଧବ ଭିତିଆ, ବିବେକ ନାୟକ, ମୁନିସ୍ ରାଉଲା, ରଞ୍ଜୁ ଠାକୁର ଏବଂ ବିଭିନ୍ନ ଅନୁଷ୍ଠାନ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ପ୍ରିୟଙ୍କା ଜେନା ଓ ଫିରୋଜ ପଟେଲ ମଞ୍ଚ ସଂଯୋଜନା କରିଥିଲେ ।

## ସମ୍ବଲପୁରରେ ବିଶ୍ୱକପ୍ ହକି ଟ୍ରଫିକୁ ଭବ୍ୟ ସ୍ୱାଗତ

ସମ୍ବଲପୁର : ସାରା ରାଜ୍ୟରେ ଭ୍ରମଣ କରୁଥିବା ବିଶ୍ୱକପ୍ ହକି ଟ୍ରଫିକୁ ସମ୍ବଲପୁରରେ ଜିଲ୍ଲା ପ୍ରଶାସନ ତରଫରୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଏଥିପାଇଁ ବିଭିନ୍ନ ପ୍ରତିଯୋଗିତା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ପ୍ରଶାସନ ତରଫରୁ ମନ୍ଦଲିଆ ପଡିଆ ଠାରେ ଟ୍ରଫିକୁ ଭବ୍ୟ ସ୍ୱାଗତ ପରେ ସମଲେଇ ମନ୍ଦିର ଦେଇ କମିଶନର କଲୋନୀ କ୍ରିକେଟ କ୍ଲବ ଗ୍ରାଉଣ୍ଡରେ ପହଞ୍ଚିଥିଲା । ଏହି ସମୟରେ ଜିଲ୍ଲାପାଳ ଅନନ୍ୟା ଦାସ, ଏସ.ପି ବି.ଗଙ୍ଗାଧର, ଏସ୍‌ଏମ୍‌ସି କମିଶନର ପ୍ରଦୀପ କୁମାର ସାହୁଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡାବିତ୍ , ବିଭିନ୍ନ ସମାଜିକ ଅନୁଷ୍ଠାନ, ବୁଦ୍ଧିଜୀବୀ, ସାଧାରଣ ଜନତା, ସ୍କୁଲ କଲେଜ ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଏହି ଅବସରରେ ମନ୍ଦଲିଆ ପଡିଆରୁ ଉଭୟ ପୁରୁଷ ଓ ମହିଳାଙ୍କୁ ନେଇ ମିନି ମାରାଥନ ଫୋରସି ଗ୍ରାଉଣ୍ଡ ପର୍ଯ୍ୟନ୍ତ ହୋଇଥିଲା । ଏଥିସହ ଫୋର ସି ଗ୍ରାଉଣ୍ଡରେ ଫୁଟବଲ ଏବଂ ହକି ମ୍ୟାଚ୍ ଆୟୋଜନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

## ପୁରୀରେ ମହୋଦଧି ଆଳତିର ୧୭ତମ ବାର୍ଷିକ ମହୋତ୍ସବ

ପୁରୀ : ପବିତ୍ର ପୌଷପୂର୍ଣ୍ଣିମା ସନ୍ଧ୍ୟାରେ ତୀର୍ଥରାଜ ମହୋଦଧିଙ୍କ ନିତ୍ୟ ସନ୍ଧ୍ୟା ଆଳତି କାର୍ଯ୍ୟକ୍ରମର ୧୭ତମ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୋବର୍ଦ୍ଧନ ମଠ ପୀଠାଧିଶ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ, ରାଜ୍ୟପାଳ ଗଣେଶୀଲାଲ, ଗଜପତି ମହାରାଜ ଦିବ୍ୟ ସିଂହ ଦେବ ଓ ପରମହଂସ ପ୍ରଜ୍ଞାନାନନ୍ଦ ଜୀ ମହାରାଜ ସମୁଦ୍ରଙ୍କ ପୂଜାର୍ଚ୍ଚନା କରିବା ସହି ତୀର୍ଥରାଜ ମହୋଦଧିଙ୍କ ଆଳତି କରିଥିଲେ । ଏ ଅବସରରେ ବୈଦିକ ପଣ୍ଡିତ ଶାସ୍ତ୍ର ଏକ ଗ୍ରନ୍ଥ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

# ଭାବଗୁଡିକର ଅର୍ପଣ ହେଉଛି ପ୍ରାର୍ଥନା

ପ୍ରାର୍ଥନା ଯାଚନା ନୁହେଁ, ବରଂ ଯାଚନାର ଅଭାବ । ଏଥିରେ ଜୀବନ ଓ ଜୀବନ ଦେଉଥିବା ପ୍ରଭୁଙ୍କ ନିକଟରେ କୌଣସି ଅଭିଯୋଗ ନାହିଁ, ବରଂ ଜୀବନର ସହଜ ଓ ପ୍ରସନ୍ନତା ପୂର୍ବକ, ପୂର୍ଣ୍ଣ ସ୍ୱୀକାରୋକ୍ତି ରହିଛି । କେତେ ଥର ଆମେ କହୁ ଯେ ଆମର ପ୍ରାର୍ଥନା ଅସଫଳ ହୋଇଗଲା, କାରଣ ଆମକୁ ମନ ମୁତାବକ ମିଳିଲା ନାହିଁ । ସତ କଥା ହେଲା, ଆମର ପ୍ରାର୍ଥନା ତ ସେହି ସମୟରେ ଅସଫଳ ହୋଇଗଲା, ଯେତେବେଳେ ଆମେ କିଛି ମାଗିଲେ, ଯେତେବେଳେ ଆମେ ନିଜର ଇଚ୍ଛା ପ୍ରଭୁଙ୍କ ନିକଟରେ ପ୍ରକଟ କଲେ । ଯିଏ ପରମାତ୍ମାଙ୍କ ଦ୍ୱାର ନିକଟରେ ହାତ ପସାରି ମାଗେ, ସେ ଖାଲି ହାତରେ ଫେରିଥାଏ । ଯିଏ ସେଠାରେ କିଛି ନ ମାଗି ହାତ ଖୋଲି ଠିଆ ହୋଇଯାଏ, କେବଳ ସେ ହିଁ ଝୁଲି ପୂର୍ଣ୍ଣ କରି ଫେରିଥାଏ ।

ଭାରତୀୟ ସଂସ୍କୃତି ହେଉଛି ପ୍ରାର୍ଥନା ମୂଳକ । ସମଗ୍ର ଋଗ୍‌ବେଦ ପ୍ରାର୍ଥନା ମୂଳକ, ଯଜୁର୍ବେଦ, ସାମବେଦ, ଅଥର୍ବବେଦ ଓ ଉପନିଷଦ୍ ପ୍ରାର୍ଥନା ମନ୍ତ୍ର ଅଟେ । ପ୍ରାର୍ଥନା ହେଉଛି ହୃଦୟ ସହିତ ହୃଦୟର ସମ୍ବାଦ, ଅନ୍ତର୍ଭାବର ନିବେଦନ । ଶୂନ୍ୟ ସହିତ ବିରାଟର ବାର୍ତ୍ତା । ପ୍ରାର୍ଥନା ବିଚାର ରହିତ ବାକ୍ୟ । ନିର୍ବିଚାର ବାଣୀ । ହୃଦୟ ତନ୍ତ୍ରୀର ସ୍ୱର । ମୌନର ସଙ୍ଗୀତ । ଅକିଞ୍ଚନତାର ଡାକ, ନିର୍ଧୂମ ଅଗ୍ନି ଏବଂ ଆକାଂକ୍ଷା ରହିତ ଯାଚନା । ପ୍ରାର୍ଥନା ଏକ ବିଶିଷ୍ଟ ଚିତ୍ତଦଶା । ଏହା ଲଘୁତାରୁ ବ୍ୟାପକତା ଦିଗରେ ସ୍ନେହର ନିମନ୍ତ୍ରଣ । ଏହା ରିକ୍ତ ଚିତ୍ତର ଡାକ । ଏହା ଅନନ୍ତର ସ୍ୱାଗତ ଏବଂ ଅଭିନନ୍ଦନର ତତ୍ପରତା ଅଟେ ।

ଉର୍ଜାଃ ବଡ଼ ଉର୍ଦ୍ଧ୍ୱ ପିଣ୍ଡରୁ ତଳ ଆଡ଼କୁ ବହିଥାଏ । ବିଜ୍ଞାନର ନିୟମାନୁସାର ଉର୍ଜାର ନିମ୍ନ ତଳ ଆଡ଼କୁ ପ୍ରବାହ ସେତେବେଳ ପର୍ଯ୍ୟନ୍ତ ଚାଲିଥାଏ, ଯେତେବେଳ ପର୍ଯ୍ୟନ୍ତ ଉଭୟ ଉର୍ଦ୍ଧ୍ୱ ପିଣ୍ଡର ଉ ତଳ ସମାନ ନ ହୋଇଛି । ଏଥିପାଇଁ ଦୁଇ ଉର୍ଦ୍ଧ୍ୱ ପିଣ୍ଡ ମଧ୍ୟରେ ଯୋଜକତା ଆବଶ୍ୟକ, କିନ୍ତୁ ପ୍ରାର୍ଥନାର ଯୋଜକତା ଦ୍ୱାରା ପ୍ରାଣୀର ନିମ୍ନ ଉର୍ଜାଃ ପରମ ଉର୍ଜାଃରେ ବରାବର ହୋଇପାରେ ନାହିଁ, ବାସ୍ତବରେ ଏକ ହିଁ ହୋଇଯାଏ । ଭକ୍ତ ଭଗବାନ ହୋଇଯାଏ, ବ୍ରହ୍ମବିଦ୍ ବ୍ରହ୍ମ ହୋଇଯାଏ ।

ପ୍ରାର୍ଥନା ମଧ ବିରାଟ ଅସ୍ତିତ୍ୱ ସହିତ ଭାବପୂର୍ଣ୍ଣ ଯୋଜକତାର ସମ୍ବନ୍ଧ । ପ୍ରାର୍ଥନା ଅମାବାସ୍ୟା ପୂର୍ଣ୍ଣିମା ହୋଇଯିବାର ଅଭୀପ୍ସା– 'ତମସୋ ମା ଜ୍ୟୋତିର୍ଗମୟ'ର ତୃଷା । ପ୍ରାର୍ଥନା ଏକକରୁ ଅନନ୍ତର ଯୋଜକତା ଅଟେ । ସମସ୍ତ ପ୍ରାଣୀ ଉର୍ଜାଃରେ ନିମ୍ନ ତଳରେ ଅବସ୍ଥିତ । ଅସ୍ତିତ୍ୱ ପରମ ଉର୍ଜାଃ । ପ୍ରାର୍ଥନା ହେଉଛି ପରମ ଉର୍ଜାର ପ୍ରବାହ ପ୍ରାପ୍ତ କରିବାର ପ୍ରାଚୀନ ବିଜ୍ଞାନ ।

ପ୍ରାର୍ଥନା ହେଉଛି ତର୍କାତୀତ ଅନୁଭୂତି । ପ୍ରାର୍ଥନା ପୂର୍ବରୁ ତର୍କ ଉଠିଥାଏ । ବାଦ-ପ୍ରତିବାଦ– ସମ୍ବାଦର କ୍ରିୟା-ବ୍ୟାପାର ଚାଲିଥାଏ, ପୁଣି ପ୍ରତୀତି ଆସିଥାଏ । ପ୍ରତୀତି ପରେ ଅନୁଭୂତି ଆସେ । ଅନୁଭୂତି ନିଜର କାମ କରେ । ଅନୁଭୂତିରୁ ଦର୍ଶନ ଆସିଥାଏ । ଦର୍ଶନର ଶକ୍ତି ଦ୍ରଷ୍ଟା କରିଥାଏ । ଦ୍ରଷ୍ଟା ନିର୍ବିଚାର ହୋଇଥାଏ । ତା'ର ଚିତ୍ତରେ ଶୂନ୍ୟ ବିକଶିତ ହୋଇଥାଏ । ଋଚାଗୁଡ଼ିକ ଏହି ଶୂନ୍ୟକୁ ଭରିବା ପାଇଁ ତତ୍ପର ହୋଇଥାଏ । ଚିତ୍ତର ଶୂନ୍ୟ ବିରାଟ ଦ୍ୱାରା ଭରିଥାଏ । ପ୍ରାର୍ଥନାଗୁଡ଼ିକ ଫୁଟି ଉଠେ, ସ୍ତୁତିଗୁଡ଼ିକ ଉତ୍ପନ୍ନ ହୋଇଥାଏ ।

ବୈଦିକ ଋଚାଗୁଡ଼ିକ ଦ୍ରଷ୍ଟା ଋଷିମାନଙ୍କର ଅନୁଭୂତି ଜନିତ ସତ୍ୟର କାବ୍ୟ ସୃଜନ ଅଟେ । ବିଜ୍ଞାନ ଓ ଦର୍ଶନରେ ପ୍ରାର୍ଥନାର ସ୍ଥାନ ନାହିଁ । ପ୍ରାର୍ଥନା ପାଇଁ ଦୁଇଟି ଜିନିଷ ଆବଶ୍ୟକ, ଗୋଟିଏ ପ୍ରାର୍ଥନା ଓ ଦ୍ୱିତୀୟରେ ଆରାଧ । ଦାର୍ଶନିକ ଓ ବୈଜ୍ଞାନିକ ପ୍ରାର୍ଥନା ଭାବ ଯୁକ୍ତ ହୋଇ ନଥାନ୍ତି । ସେମାନେ ସୃଷ୍ଟି ରହସ୍ୟଗୁଡ଼ିକର ଅନ୍ୱେଷକ ହୋଇଥାନ୍ତି । ତାଙ୍କର କୌଣସି ଆରାଧ ନଥାନ୍ତି, କିନ୍ତୁ ଭାରତୀୟ ଦର୍ଶନ ଓ ବିଜ୍ଞାନ ପରମ୍ପରାର ଋଷି ପ୍ରାର୍ଥନା ଭାବରେ ଯୁକ୍ତ ହୋଇଥାନ୍ତି । ତେଣୁ ପଶ୍ଚିମର ସମସ୍ତ ବିଦ୍ୱାନ ଭାରତୀୟ ଦର୍ଶନ ଉପରେ 'ଭାବବାଦୀ' ହେବାର ଆରୋପ ଲଗାଇଥାନ୍ତି ।

ସେମାନେ ଭାରତୀୟ ଦର୍ଶନର ଯଥାର୍ଥ ବାଦୀ, ଭୌତିକବାଦୀ ତତ୍ତ୍ୱଗୁଡ଼ିକ ଉପରେ ବିଚାର କରନ୍ତି ନାହିଁ । ଭାବ ଜଗତୟର ଅନୁଭୂତି ମଧ ଯଥାର୍ଥର ହିଁ ଅଂଶ । ଭୌତିକବାଦରେ ମା' କେବଳ ସ୍ତ୍ରୀ । ଭାବ ଜଗତରେ ଏହି ସ୍ତ୍ରୀ ପୂଜ୍ୟ ଓ ଆରାଧ ମା' ଅଟେ । ମା' ଜନନୀ, ପୋଷକ, ଏଣୁ ଦିବ୍ୟ ଓ ଦେବୀ ମଧ । ଭାରତର ପ୍ରାର୍ଥନା ସଂସ୍କୃତିର ବିକାଶ ନିରାଧାର ନୁହେଁ । ବେଦ ଓ ଉପନିଷଦ୍ ବିଜ୍ଞାନ ଏବଂ ଦର୍ଶନରେ ଆପ୍ଳାବିତ, କିନ୍ତୁ ସେଥିରେ ମଧ ପ୍ରାର୍ଥନା ରହିଛି ।

ଈଶାବାସ୍ୟାପନିଷଦ୍ ଏକ ଦର୍ଶନ । ପ୍ରଥମ ୧୪ଟି ମନ୍ତ୍ର ପର୍ଯ୍ୟନ୍ତ କୌଣସି ପ୍ରାର୍ଥନା ନାହିଁ । ସମସ୍ତ ମନ୍ତ୍ର ଦର୍ଶନ ସହିତ ଓତପ୍ରୋତ । ୧୪ଟି ମନ୍ତ୍ର ପର୍ଯ୍ୟନ୍ତ ଯାତ୍ରା, ଦୃଷ୍ଟିକୁ ଦାର୍ଶନିକ କରିଥାଏ । ଚିତ୍ତ ନିର୍ବିଚାର ହୋଇଥାଏ, ନିଷ୍କଳୁଷ ହୋଇଥାଏ, ନିଷ୍କମ୍ପ ହୋଇଥାଏ ଏବଂ ଏକ ବିରାଟ ଶୂନ୍ୟର ଜନ୍ମ ହୋଇଥାଏ । ସତ୍ୟର ଦୀପ୍ତି ଥାଏ । ସତ୍ୟ ବାକ୍ ହୋଇଥାଏ । ବାକ୍ ପ୍ରାର୍ଥନା ହୋଇଥାଏ । ଋଷି ପୂଷଣ, ସୂର୍ଯ୍ୟ, ବାୟୁ ଓ ଅଗ୍ନି ଭଳି ଦେବମାନଙ୍କୁ ପ୍ରାର୍ଥନା କରିଥାନ୍ତି । ଏହି ପ୍ରାର୍ଥନାଗୁଡ଼ିକରେ ସତ୍ୟ ପ୍ରାପ୍ତିର ମହତ୍ତ୍ୱକାଂକ୍ଷା ରହିଛି । ବିଦିକ ଋଷି ଆନ୍ତରିକ ଦୃଷ୍ଟିରୁ ସମୃଦ୍ଧ ଥାଆନ୍ତି । ସେମାନେ ବ୍ୟକ୍ତ ସଂସାରର ଐଶ୍ୱର୍ଯ୍ୟର ବ୍ୟବସ୍ଥା କରନ୍ତି ଏବଂ ଅବ୍ୟକ୍ତ, ଅପ୍ରକଟ ସଂସାରର ଦର୍ଶନ ମଧ କରିଥାନ୍ତି ।

ବେଦ, ଉପନିଷଦ୍ ଗୁଡ଼ିକର ଋଷି ଇନ୍ଦ୍ର, ମାତରିଶ୍ୱନ, ଅଗ୍ନି ଓ ବାୟୁ ଆଦି ମଧ୍ୟରେ ଏକ ହିଁ ପରମ ତତ୍ତ୍ୱ ଦେଖୁଛନ୍ତି । ସବୁ ଦିଗରେ ଉପର-ତଳ, ଆଗ-ପଛ, ବାମ-ଡାହାଣ, ଭିତର-ବାହାର, ବ୍ୟକ୍ତ-ଅବ୍ୟକ୍ତ ଗୋଟିଏ ହିଁ ଆଲୋକ, ଗୋଟିଏ ହିଁ ପରମ ଦୀପ୍ତି, ଏକ ହିଁ ଅନହଦନାଦର ଅନୁଭବ କରନ୍ତି । ପ୍ରାର୍ଥନା ବ୍ରହ୍ମାସ୍ତ୍ର । ଭାରତୀୟ ପରମ୍ପରା ପ୍ରସ୍ଥାନତ୍ରୟୀର ଚର୍ଚ୍ଚା କରିଛି । ଜ୍ଞାନଯାତ୍ରାର ପ୍ରାରମ୍ଭ ପାଇଁ ପ୍ରସ୍ଥାନ ସମୟରେ ତିନିଟି ଜିନିଷ ପାଖରେ ରହିବା ଉଚିତ ।

ଉପନିଷଦ୍ ବ୍ରହ୍ମସୂତ୍ର ଓ ଗୀତା ପ୍ରସ୍ଥାନତ୍ରୟୀ ଅଟେ । ବାକି ସବୁ ଜିନିଷ ସାଧାରଣ, କିନ୍ତୁ ଏସବୁ ପୂର୍ବରୁ ପ୍ରଥମେ ଚିତ୍ତରେ 'ପ୍ରାର୍ଥନା ଭାବ' ରହିବା ଉଚିତ । ଜ୍ଞାନଯାତ୍ରାର ପ୍ରଥମ ଚେତନା ଜିଜ୍ଞାସା । ଜାଣିବାର ଇଚ୍ଛା ହିଁ ଜ୍ଞାନଯାତ୍ରା ଦିଗରେ ନେଇଯାଏ, କିନ୍ତୁ ଜିଜ୍ଞାସା ସହିତ 'ମୁଁ' ଯୋଡ଼ି ହୋଇ ଯାଏ- ମୁଁ ଜାଣିବାକୁ ଚାହୁଁଛି । ମୁଁ ଜ୍ଞାନଯାତ୍ରାର ବାଧକ ଭାବ ଅଟେ । ପ୍ରାର୍ଥନା ଭାବ 'ମୁଁ' କୁ ଲଘୁତମ କରିଥାଏ ଏବଂ ସୃଷ୍ଟିକୁ ମହାନ୍ ଦେଖିଥାଏ ।

ପ୍ରାର୍ଥନା ଯାଚନା ହୋଇ ନ ଥାଏ । ବୈଦିକ ଋଷିମାନଙ୍କର ପ୍ରାର୍ଥନା ଜିଜ୍ଞାସା ଓ ଧନ୍ୟବାଦ ଭାବରେ ପ୍ରସ୍ଫୁଟିତ ହୋଇଛି । ଋଷିମାନଙ୍କର ଜିଜ୍ଞାସା ବୈଜ୍ଞାନିକମାନଙ୍କ ଜିଜ୍ଞାସା ସମାନ ନୁହେଁ । ଏହି ଜିଜ୍ଞାସା ବିନମ୍ର, କିନ୍ତୁ ବିନମ୍ରତାରେ ଯାଚନା ନାହିଁ । ଯାଚକ ଭାବର ଚିତ୍ତ ସଂକୋଚ ଓ ହୀନତାରେ ସଙ୍କୁଚିତ ହୋଇ ଜଡ଼ ହୋଇଥାଏ । ଏଠାରେ ପ୍ରଥମେ ଦର୍ଶନ ଅଛି । ଦର୍ଶନରୁ ବିଶ୍ୱାସ ଜନ୍ମ ନେଲା ଏବଂ ପ୍ରାର୍ଥନା ଅପରିହାର୍ଯ୍ୟ ହୋଇଗଲା । ଗୀତାର ପ୍ରଥମ ଅଧ୍ୟାୟରୁ ନେଇ ଏକାଦଶ ଅଧାୟ ପର୍ଯ୍ୟନ୍ତ ଜ୍ଞାନ, କର୍ମ, ଭକ୍ତି ଆଦିର ତତ୍ତ୍ୱ ରହିଛି ।

ଏଥିରେ ପ୍ରାର୍ଥନା ନାହିଁ, କିନ୍ତୁ ଏକାଦଶ ଅଧାୟ, ଶ୍ଳୋକ ୩୬ ଓ ୪୦ରେ ଅର୍ଜୁନ ବିଶ୍ୱରୂପର ଦର୍ଶନ କଲେ, ସେ ଆନନ୍ଦିତ ଥିଲେ, ଆନନ୍ଦମଗ୍ନ ଥିଲେ, ସେ ଧନ୍ୟବାଦ ଭାବରେ ସି ଥିଲେ । ସେତେବେଳେ ତାଙ୍କ ଅନ୍ତରରେ ପ୍ରାର୍ଥନା ଉଚ୍ଛୁଳି ଉଠିଲା, ତୁମେ ବାୟୁ, ତୁମେ ଯମ-ନିୟମ-ଅନୁଶାସନ ଅଟେ । ତୁମେ ଅଗ୍ନି, ବରୁଣ, ସମୁଦ୍ରାଦି, ତୁମେ ଚନ୍ଦ୍ର, ତୁମକୁ ନମସ୍କାର କରୁଛି । ସାମନାରୁ ନମସ୍କାର, ପଛରୁ ନମସ୍କାର, ଚାରିପଟରୁ ନମସ୍କାର– 'ନମୋସ୍ତୁ ତେ ସର୍ବତ ଏବ ସର୍ବ', ଏଠାରେ ବାୟୁ, ଅଗ୍ନି, ଜଳ ଓ ଚନ୍ଦ୍ର ଭୌତିକ ଅଟନ୍ତି, ପ୍ରତ୍ୟକ୍ଷ ଅଟନ୍ତି । ସମସ୍ତଙ୍କ ପଛରେ ଏକ ପରମ ଉର୍ଦ୍ଧ୍ୱ ରହିଛି । ଯିଏ ଦେଖିଲା, ଜାଣି ଲା, ସେ ଗାଇଲା । ପରମ ତତ୍ତ୍ୱ ଗାନ ହିଁ କରାଯାଇପାରେ । ସଂଯୋଗ ଆଶ୍ଚର୍ଯ୍ୟ ଜନକ ନୁହେଁ । ଭାରତର ସମସ୍ତ ତତ୍ତ୍ୱଦର୍ଶକ ଋଷି କବି ହିଁ ଥିଲେ, କିନ୍ତୁ ପରମ ତତ୍ତ୍ୱର ଗାନ ଶୁଣି ହିଁ ପରମ ତତ୍ତ୍ୱ ମିଳି ନଥାଏ । ବେଦ, ଉପନିଷଦ୍ ଓ ଗୀତାର ଘୋଷଣା ହେଉଛି ଯେ ପ୍ରବଚନ ବା ଅଧୟନ ଦ୍ୱାରା ମିଳନ୍ତି ନାହିଁ ।

ପ୍ରାର୍ଥନାରେ ବ୍ୟାପକ ଉର୍ଜାଃ ଅଛି । ସଂସାର ବିରାଟ । ସମାଜ ବଡ଼ । ରାଷ୍ଟ୍ର ଆରାଧ । ଭାରତରେ ବିରାଟ ବ୍ରହ୍ମଙ୍କ ପ୍ରାର୍ଥନାର ପରମ୍ପରା ଅଛି, ସମାଜ ଓ ରାଷ୍ଟ୍ରର ଆରାଧନାର ପରମ୍ପରା ମଧ ରହିଛି । ରାଷ୍ଟ୍ରର ଆରାଧନାର ପରମ୍ପରା ଭାରତର ହିଁ ଅବଦାନ । ରାଷ୍ଟ୍ର ଜୀବନର ଲୋକମଙ୍ଗଳ ପାଇଁ ପ୍ରାର୍ଥନା ଭାବ ହିଁ ଆନନ୍ଦଦାୟକ । ବିଦ୍ୟାର୍ଥୀ ଭାବ ସନ୍ତୋଷଜନକ, କିନ୍ତୁ ଅର୍ଥାର୍ଥ ବୁଦ୍ଧିରେ ଅବତରଣ କରିବା ବ୍ୟର୍ଥ । ଶବ୍ଦାର୍ଥର ମୂଲ୍ୟ ହୋଇନଥାଏ । ଶବ୍ଦ ସ୍ୱୟଂ କୌଣସି ନାମର ସଙ୍କେତ ଥାଏ । ନାମ ସ୍ୱୟଂ କୌଣସି ପଦାର୍ଥର ସଙ୍କେତ ହୋଇଥାଏ । ପଦାର୍ଥ ସ୍ୱୟଂ କୌଣସି ଅରୂପର ରୂପ ହୋଇଥାଏ । ଭୌତିକବାଦୀ ପ୍ରାର୍ଥନାକୁ ନିରର୍ଥକ ବୋଲି ମାନନ୍ତି, କିନ୍ତୁ ପ୍ରାର୍ଥନା ଭୌତିକ ବିଜ୍ଞାନ ଠାରୁ ଆଗର ଯାତ୍ରା ଓ ଉତ୍‌କ୍ରାନ୍ତି ଅଟେ ।

ଭୌତିକ ବିଜ୍ଞାନ ଉର୍ଜାଃ ଓ ପଦାର୍ଥ ମଧ୍ୟରେ ସମନ୍ୱୟ ସ୍ଥାପନ କରିଥାଏ । ରସାୟନ ବିଜ୍ଞାନ ଉର୍ଜାଃ ତତ୍ତ୍ୱ ଓ ବିଭିନ୍ନ ସ୍ଥିତିଗୁଡ଼ିକ କାରଣରୁ ପରିବର୍ତ୍ତିତ ହୋଇଥିବା ରୂପ, ଗୁଣ ଆଦିର ବିଶ୍ଳେଷଣ କରିଥାଏ । ପ୍ରାର୍ଥନା ରସାୟନ ବିଜ୍ଞାନର ସମୀପ ହୋଇଥାଏ । ପ୍ରାର୍ଥନା ଚିତ୍ତ ଓ କାୟାର ମୂଳ ଘଟକ ଗୁଡ଼ିକରେ ରାସାୟନିକ ପରିବର୍ତ୍ତନ ଆଣିଥାଏ । ବିଶ୍ୱାସ ଯଦି ନ ହୁଏ, ତେବେ ପ୍ରୟୋଗ କରିବା ଉଚିତ । ସୁଖ ବା ଦୁଃଖ କୌଣସି ବିଶେଷ ପରିସ୍ଥିତିରେ ରକ୍ତଚାପ, ରକ୍ତ ବିଶ୍ଳେଷଣର ରିପୋର୍ଟ ନେବା ପରେ ପ୍ରଗାଢ଼ ଭାବରେ ପ୍ରାର୍ଥନା କରିବା ଉଚିତ । ତାପରେ ରକ୍ତଚାପ ଓ ରକ୍ତର ମୂଳ ସଙ୍ଗଠକଗୁଡ଼ିକର ରାସାୟନିକ ବିଶ୍ଳେଷଣ ଚକିତ କରିଦେବା ଭଳି ତଥ୍ୟ ପ୍ରସ୍ତୁତ କରିପାରେ ।

ଭୌତିକ ବିଜ୍ଞାନୀ, ପ୍ରାର୍ଥନାର ରସାୟନ ବିଜ୍ଞାନ ଜାଣିଥିବା ଲୋକେ ଏହି ରହସ୍ୟକୁ ରାସାୟନିକ ପରିବର୍ତ୍ତନ ମାନିଥାନ୍ତି, କିନ୍ତୁ ପ୍ରାର୍ଥନା କେବଳ ରାସାୟନିକ ପରିବର୍ତ୍ତନ ହିଁ ହୋଇ ନଥାଏ । ରାସାୟନିକ ପରିବର୍ତ୍ତନ ଭୌତିକ ପରିବର୍ତ୍ତନ ଠାରୁ ବଡ଼ ହୋଇଥାଏ, କିନ୍ତୁ ସୃଷ୍ଟିର ରହସ୍ୟଗୁଡ଼ିକର ଅନ୍ୱେଷଣକାରୀ ମୁମୁକ୍ଷୁମାନଙ୍କ ପାଇଁ କୌଣସି ବଡ଼ କଥା ନୁହେଁ ।

ଏକ ଛୋଟିଆ ଔଷଧ ଗୋଲି ବା ଏକ ଗୁଡ଼ ଟେଳା ମଧ ରାସାୟନିକ ପରିବର୍ତ୍ତନ ଆଣିଥାଏ, କିନ୍ତୁ ପ୍ରାର୍ଥନା ଏହାଠାରୁ ମଧ ବଡ଼ ପରିବର୍ତ୍ତନ ଆଣିଥାଏ । ଏହା ରାସାୟନିକ ପରିବର୍ତ୍ତନରୁ ଆରମ୍ଭ ହୋଇଥାଏ । ବୁଦ୍ଧିକୁ ବିବେକ କରିଥାଏ । ବୁଦ୍ଧି ଖଣ୍ଡିତ ସୂଚନାଗୁଡ଼ିକର ସଂଗ୍ରହ କରିଥାଏ । ବିବେକ ସାର-ଅସାର ଓ ସଂସାରର ନିର୍ଣ୍ଣାୟକ ଅଟେ । ପ୍ରାର୍ଥନା ବିବେକ ଠାରୁ ମଧ ଆଗକୁ ନେଇଯାଏ, ଯେଉଁଠି ସାର-ଅସାର ଓ ସଂସାରର କୌଣସି ଅର୍ଥ ନ ଥାଏ ।

ପ୍ରାର୍ଥନା ଦ୍ୱୈତ ଭାବରୁ ଆରମ୍ଭ ହୋଇଥାଏ ଏବଂ ଅଦ୍ୱୈତ ପର୍ଯ୍ୟନ୍ତ ପହଞ୍ଚାଇ ଦିଏ । ଏହା ସାଧକକୁ ହିଁ ଆରାଧ କରିଥାଏ । ସେତେବେଳେ ସେଠାରେ କୌଣସି ପ୍ରାର୍ଥନା ନଥାଏ ଏବଂ କୌଣସି ଆରାଧ ନ ଥାନ୍ତି । ସେତେବେଳେ ସେଠାରେ ବ୍ରହ୍ମ ରହି ନଥାଏ କି ମାୟା ନ ଥାଏ । ଋଷିମାନେ ଏହାକୁ ଆନନ୍ଦଲୋକ କହିଛନ୍ତି ଏବଂ ଆନନ୍ଦଲୋକ, ବ୍ରହ୍ମଲୋକ କୌଣସି ଭୌଗୋଳିକ ଧାରଣା ନୁହେଁ । ଏହା ଦେଶ – କାଳରେ ଇନ୍ଦ୍ରିୟ ଗୋଚର ନୁହେଁ । ତେଣୁ ଏହାର ବ୍ୟାଖ୍ୟା ହୋଇପାରେ ନାହିଁ । ପ୍ରାର୍ଥନା ଏକ ବିଶିଷ୍ଟ ଟେକ୍‌ନିକ୍ । ଏକ ପରିଶୁଦ୍ଧ ପ୍ରଗାଢ଼ ବିଦ୍ୟା । ପ୍ରାର୍ଥନା ତ ପରମ ପ୍ରେମ, ଯେଉଁଥିରେ କୌଣସି ଇଚ୍ଛା କି କୌଣସି ଅଭିଯୋଗ ନ ଥାଏ । ଏଥିରେ କୌଣସି ଯାଚନା କି କୌଣସି ବାସନା ନ ଥାଏ । ପ୍ରେମ ତ ସର୍ବଦା ଯାଚନା ଶୂନ୍ୟ ହୋଇଥାଏ, ସର୍ତ୍ତ ବିହୀନ ହୋଇଥାଏ । ପ୍ରାର୍ଥନାର ବାସ୍ତବିକ ଅନୁଭୂତି ସେତେବେଳେ ହୋଇଥାଏ, ଯେତେବେଳେ ପ୍ରାର୍ଥନା ହିଁ ଆମର ଆନନ୍ଦ ହୋଇଯାଏ ଆନନ୍ଦ, ପ୍ରାର୍ଥନାର ବାହୁକୁ ଧରି ଚାଲେ ନାହିଁ । ପଛରେ ପୂର୍ଣ୍ଣ ହେବା ପରି କୌଣସି ଇଚ୍ଛା ରହିବା ଅନୁଚିତ, ତାହେଲେ ଆନନ୍ଦ ମିଳିବ । ପ୍ରାର୍ଥନା କରିବାରେ ଆନନ୍ଦ ମିଳିଲେ ସେ ହିଁ ତାହା ପ୍ରାର୍ଥନା ହୋଇଥାଏ ।

ପ୍ରାର୍ଥନା ଯେତେବେଳେ ହୃଦୟରେ ପ୍ରକଟ ହୋଇଥାଏ ତ ପ୍ରାର୍ଥନା ପୂର୍ଣ୍ଣ ହେଲା ନାହିଁ ବୋଲି କହିବାକୁ ପଡ଼େ ନାହିଁ । ପ୍ରାର୍ଥନା ହେବା ହିଁ ତାହା ପୂର୍ଣ୍ଣ ହେବା ଅଟେ । ପ୍ରାର୍ଥନା ଜୀବନର ଶିଖର । ପ୍ରାର୍ଥନା ଏହି ଜଗତ୍‌ର ଫୁଟିଥିବା ଅନ୍ତିମ ଫୁଲ । ତାହା ଶେଷ ଉଚ୍ଚତା, ଯାହାକୁ ମନୁଷ୍ୟ ପାଇ ପାରେ । ଏହାର ଉର୍ଦ୍ଧ୍ୱରେ ଆଉ କିଛି ନାହିଁ ।

## ଅଦା ଖାଇବା ପୂର୍ବରୁ ଜାଣି ରଖନ୍ତୁ

ଅଦା ଫୁଟା ପାଣି ପିଇଲେ କାଶ ଦୂର ହେବା ସହ ଶରୀରକୁ ଶକ୍ତି ପ୍ରଦାନ କରେ । ସକାଳବେଳା ଅଦା ଚା' ପିଇବା ଖୁବ୍ ଉପକାରୀ ବୋଲି ବିଶେଷଜ୍ଞଙ୍କ ତଥ୍ୟରୁ ଜଣାପଡିଛି । ଓଜନ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିବା ବ୍ୟକ୍ତି ଅଦା ଚା' କିମ୍ବା ଅଦାମିଶ୍ରିତ ପାଣି ପିଇବା ଉତ୍ତମ । ତେବେ ଦୁର୍ବଳ ବ୍ୟକ୍ତି ଅଦା ଉପଯୋଗ ନ କରିବା ଉଚିତ । ରକ୍ତ ସମ୍ପର୍କିତ କୌଣସି ରୋଗରେ ଆକ୍ରାନ୍ତ ଥିବା ବ୍ୟକ୍ତି ଅଦାର ସେବନ କରିବା ଅନୁଚିତ ।

## ଆଜିର ଚିନ୍ତନ

ସନ୍ଥ ଏକନାଥଙ୍କର ଅନେକ ଶିଷ୍ୟଙ୍କ ଭିତରୁ ଜଣେ ଶିଷ୍ୟ ଥିଲା ଯେ କି ଗୁରୁଙ୍କୁ ସବୁଠାରୁ ଅଧିକ ଭଲ ପାଉଥିଲା । ସେ ପାଠଶାଠ ପ୍ରତି ଆଦୌ ଦୃଷ୍ଟି ଦେଉ ନ ଥିଲେ ମଧ ଗୁରୁଙ୍କ ସେବା ନିଷ୍ଠାପର ଭାବେ କରୁଥିଲା । ସେ ଶିଷ୍ୟର କେବଳ ଗୋଟିଏ ଗୁଣ ଖରାପ ଥିଲା । ତାହା ହେଉଛି ଦିନରେ ପାଞ୍ଚ ଦଶ ଥର ସେ ଖାଏ । ସେଥିପାଇଁ ତା ନାଁ ରଖାଯାଇଥିଲା 'ପୂରଣପୌଢ଼ା' (ଅହରହ ଖାଉଥିବା ବ୍ୟକ୍ତି) । ସନ୍ଥ ଏକନାଥ ପୂରଣପୌଢ଼ାକୁ ଖୁବ ଭଲ ପାଉଥିଲେ । ଏକନାଥଙ୍କର ଆଉ ଜଣେ ଜ୍ଞାନୀ ଶିଷ୍ୟ ବି ଥିଲେ । ତାଙ୍କ ନାଁ ଥିଲା ହରି । ଏକନାଥଙ୍କର ହରି ପ୍ରତି ଭଲ ପାଇବା ବି କିଛି କମ ନ ଥିଲା ।

ସମୟକ୍ରମେ ଏକନାଥଙ୍କର ଦେହତ୍ୟାଗ କରିବା ବେଳ ଆସି ପହଞ୍ଚିଲା । ଜୀବନର ଶେଷ ସମୟରେ ସେ ଏକ ଗ୍ରନ୍ଥ ଲେଖୁଥିଲେ । ଏହା ଆଉ ତାଙ୍କ ଦ୍ୱାରା ପୂରଣ ହୋଇ ପାରିବ ନାହିଁ ବୋଲି ଜାଣି ସେ ତାଙ୍କର ସମସ୍ତ ଶିଷ୍ୟଙ୍କୁ ଡକାଇ କହିଲେ - 'ଏ ବହିର ଲେଖାଟି ଅଧୁରା ରହିଗଲା । ଅବଶିଷ୍ଟ ଲେଖାକୁ ପୂରଣପୌଢ଼ା ହିଁ ପୂରଣ କରିବ' ଗୁରୁଙ୍କ ମୁହଁରୁ ଏ କଥା ଶୁଣି ସମସ୍ତେ ତଟସ୍ଥ ହେଲେ । ପୂରଣପୌଢ଼ା ଶ୍ରୀଅକ୍ଷର ବିବର୍ଜିତ । ସେ କ'ଣ ଗୁରୁଙ୍କ ଲେଖା ଶେଷ କରିବ ? ଅନ୍ୟତମ ଜ୍ଞାନୀ ଶିଷ୍ୟ ହରିଙ୍କ ନାଁ ବଦଳରେ କାଳେ ଗୁରୁଦେବ ପୂରଣପୌଢ଼ାଙ୍କ ନାଁ ଭୁଲରେ ଉଚ୍ଚାରଣ କରି ଦେଇଥିବେ ଭାବି ଜଣେ ଶିଷ୍ୟ ଏକନାଥଙ୍କୁ ଜିଜ୍ଞାସା କଲା - 'ଆଜ୍ଞା, ପୂରଣପୌଢ଼ାଙ୍କ ଅପେକ୍ଷା ଆପଣଙ୍କ ଜ୍ଞାନୀ ଶିଷ୍ୟ ହରି ଏ କାମକୁ ବେଶ ଭଲ ଭାବେ କରିପାରିବେ ବୋଲି ଆମେ ଭାବୁଛୁ ।

ଟିକିଏ ସମୟ ରହି ଏକନାଥ କହିଲେ - 'ହଁ, ହରି ମୋର ଜ୍ଞାନୀ ଶିଷ୍ୟ । ସେ କିନ୍ତୁ ପାରିବ ନାହିଁ । ସେ ମୋତେ ପିତା ହିସାବରେ ଭାବନା କରେ । କିନ୍ତୁ ପୂରଣପୌଢ଼ା ମୋତେ ଗୁରୁ ଭାବେ ମାନ୍ୟତା ଦିଏ । ହରି ଅପେକ୍ଷା ମୋ ପ୍ରତି ତା' ର ଆନ୍ତରିକତା ଢେର ବେଶୀ । ବେଶ ଶ୍ରଦ୍ଧାଶୀଳ ସେ । ଯାହାଙ୍କ ପାଖେ ଶ୍ରଦ୍ଧା ଅଛି ଗୁରୁଙ୍କ କୃପାରୁ ତା'ର ଜ୍ଞାନ ଆପେ ଆପେ ସ୍ଫୁରଣ ହୁଏ । ତୁମେ ଯଦି ଚାହୁଁଛ ତେବେ ପ୍ରଥମେ ହରିକୁ ଏ କାମ ଦେଇପାର, କିନ୍ତୁ ଦେଖିବ ସେ ପାରିବ ନାହିଁ । ପୂରଣପୌଢ଼ା ହିଁ ପାରିବ । ଶେଷରେ ଏକନାଥଙ୍କ କଥାଟି ହିଁ ସତ ସାବ୍ୟସ୍ତ ହୋଇଥିଲା ।


ବର୍ଷ ୨୭, ସଂଖ୍ୟା- ୨, ୮-୧୪ ଜାନୁଆରୀ ୨୦୨୩

# ବସ୍ତୁବାଦର ରାଜୁତି

ବସ୍ତୁବାଦ ଅର୍ଥାତ ବସ୍ତୁ ସର୍ବସ୍ୱ ଦୁନିଆରେ ବସ୍ତୁ ପ୍ରଭୁ ହେବାର ଇଚ୍ଛା ଆଜିର ସମାଜର ଏକ ମହତ୍ୱପୂର୍ଣ୍ଣ ଅଂଶ ହୋଇଯାଇଛି । ବିଳାସପୂର୍ଣ୍ଣ ଉତ୍ପାଦ କିମ୍ବା ସେବାକୁ ନିଜର ଅଧିନସ୍ଥ କରିବାର ଯେଉଁ ଦୌଡ ଚାଲିଛି ତାହାର ସମାପ୍ତି ମଶାଣିରେ ବୋଲି କହିଲେ ଭୁଲ ହେବନି । ବିଭିନ୍ନ ଅନୁସନ୍ଧାନମୂଳକ ଅଧ୍ୟୟନରୁ ଯେଉଁ ତଥ୍ୟ ସାମ୍ନାକୁ ଆସୁଛି ତାହା ଆହୁରି ରୋଚକ । ବିଂଶ ଶତାବ୍ଦୀ ଆରମ୍ଭ ହେଉ ହେଉ ଧନୀ ଶ୍ରେଣୀ ଭଳି ମଧ୍ୟବିତ୍ତ ମାନେ ମଧ ନିଜ ଅଜାଣତରେ ଏହି ଖିଆଲି ଖେଳରେ ଅଦମନୀୟ ରୁଚି ରଖିଛନ୍ତି । ପିଲାଙ୍କ ଶିକ୍ଷା, ନିଜ ପାଇଁ ଠିକ ଠାକ ଖଣ୍ଡେ ଘର, ଭଲ ଗାଡି, ଭବିଷ୍ୟତ ପାଇଁ ଆବଶ୍ୟକ ସଞ୍ଚୟରେ ଆଉ ଅଟକି ଯିବାକୁ ଚାହୁଁନାହାନ୍ତି କେହି । ଗୋଟେ ଘର ପରେ, ଆଉ ଗୋଟେ ଘର, ଏ ସହର ପରେ ଆର ସହରରେ ସମ୍ପତ୍ତି, ଗୋଟେ ଦୁଇଟା ଗାଡି ପରେ ପୁଣି ନୂଆ ଗାଡ଼ିର ଇଚ୍ଛା । ହଁ, ଏକଥା ନିଶ୍ଚିତ ଯେ ପ୍ରଗତିଶୀଳ ଚିନ୍ତା ନରହିଲେ ଏବଂ ଏଥିପାଇଁ ଇଚ୍ଛା ଓ ଉଦ୍ୟମ ନରହିଲେ ଆମେ ଆଉ ଆମ ସମାଜ ପଛେଇ ଯିବ । ହେଲେ ଏ ହାସଲ କରିବାର ଦୌଡ କେବଳ ନିଜ ପାଇଁ କାହିଁକି ? ଆମେ ଅଧିକ ଜିଣି ପାରୁଛନ୍ତି ଯଦି ସେଥିରେ ସମାଜର ଭାଗ ଦେବାକୁ କୁଣ୍ଠା କଣ ପାଇଁ ?

ଅନୁସନ୍ଧାନ ଏକଥା ବି ସ୍ପଷ୍ଟ କରୁଛି ଯେ ବସ୍ତୁବାଦ ଏକ ଗୁଣ ଯାହା ସମସ୍ତଙ୍କୁ କଷ୍ଟ ଦେଇପାରେ, ଏହା ଆତ୍ମ-କ୍ଷତିକାରକ ଏବଂ ସାମାଜିକ ଭାବରେ ବିନାଶକାରୀ । ଯେଉଁମାନେ ଏହାର ଶିକାର ହୁଅନ୍ତି ସେମାନଙ୍କ ସୁଖ ଏବଂ ମାନସିକ ଶାନ୍ତି ଭାଙ୍ଗିଯାଏ । ଜୀବନର ସର୍ବୋତ୍ତମ ବିଳାସପୂର୍ଣ୍ଣ ଇଚ୍ଛା କରିବାରେ କିଛି ଭୁଲ ନାହିଁ । କିନ୍ତୁ, ବସ୍ତୁ ଆମ ଜୀବନକୁ ନିଜ ଚାରିପାଖରେ ଦିନ ରାତି ଘୁରାଇବାରେ ସଫଳ ନହେଉ ଏବଂ ଏହା ଆମ ପାଇଁ ପରିଚାଳକ ଶକ୍ତି ହେବା ଉଚିତ ନୁହେଁ । ଆମେ ଭାବୁ ଯେ କଠିନ ପରିଶ୍ରମ ଆଉ ଆମ ପାରିବାପଣିଆ ପାଇଁ ସର୍ବଶ୍ରେଷ୍ଠ ବସ୍ତୁ ମାନଙ୍କର ମାଲିକାନା ହିଁ ପୁରସ୍କାର । ଏହା ଦୁର୍ଭାଗ୍ୟପୂର୍ଣ୍ଣ ଯେ ଆମର ସଫଳତାର ମାପ ଆମର ସମ୍ପତ୍ତିର ଆକାର ଏବଂ ଆମେ କିଣୁଥିବା ସାମଗ୍ରୀର ଗୁଣବତ୍ତା ଏବଂ ମୂଲ୍ୟ ଦ୍ୱାରା ନିର୍ଣ୍ଣୟ କରାଯାଏ । ଯେତେବେଳେ ଲୋକମାନେ ସେମାନଙ୍କର ମୂଲ୍ୟବୋଧକୁ ବସ୍ତୁବାଦୀ ଜିନିଷ ଉପରେ ଆଧାର କରନ୍ତି, ସେମାନେ ସମ୍ପତ୍ତି ଆଧାରିତ ବାହ୍ୟ ପ୍ରଶଂସା ଉପରେ ସେମାନଙ୍କର ଆତ୍ମ ମୂଲ୍ୟ ଏବଂ ଆତ୍ମ ସମ୍ମାନକୁ କେନ୍ଦ୍ର କରନ୍ତି । ଏହାକୁ ଆଚରଣଗତ ଅର୍ଥନୀତିରେ ବସ୍ତୁବାଦୀ ଇଫେକ୍ଟ କୁହାଯାଏ । ଆମେ ଆବଶ୍ୟକତା ଠାରୁ ଅଧିକ କିମ୍ବା ନିଜ କ୍ରୟ ଶକ୍ତିଠୁ ଅଧିକ ସମ୍ପତ୍ତି ପଛରେ ପଡନ୍ତି ଏବଂ ଯେତେବେଳେ ତାହା ଆମର ହୋଇଯାଏ, ସେତେବେଳେ ସେହି ସମ୍ପତ୍ତି ଆଧାରରେ ଆମେ ଅନ୍ୟ ଲୋକଙ୍କ ତୁଳନାରେ ନିଜକୁ ଅଧିକ ମୂଲ୍ୟବାନ ମନେ କରନ୍ତି । ଯାହାର କି କିଛି ବି ବାସ୍ତବ ଆଧାର ନଥାଏ । ଏହାକୁ ମିଛ ଅଭିମାନ ବୋଲି ବି କୁହାଯାଏ ବା ଆତ୍ମ ଛଳନା ।

ଅର୍ଥ, ସମ୍ପତ୍ତି, ବସ୍ତୁ ଏକ ସହଜ ତଥା ସୁରକ୍ଷିତ ଜୀବନ ପାଇଁ ଜରୁରୀ ଏବଂ ଏହାକୁ ନିଜର ଅଧିନସ୍ଥ କରିବାର ଇଚ୍ଛା ଏବଂ ପ୍ରଚେଷ୍ଟା ଉଭୟ ଠିକ । ଏହା ନିଶ୍ଚିତ ଭାବରେ ଆମର ଜୀବନର ଲକ୍ଷ୍ୟ ହାସଲ କରିବାରେ, ଭବିଷ୍ୟତକୁ ସୁରକ୍ଷିତ କରିବାରେ ଏବଂ ଜୀବନକୁ ସହଜ କରିବାରେ ସାହାଯ୍ୟ କରିପାରିବ କିନ୍ତୁ ଏହା ବି ସତ ଯେ କେବଳ ଧନ ଆଉ ସମ୍ପତ୍ତି କୌଣସି ବ୍ୟକ୍ତିକୁ ତାର ସାମାଜିକ ପୂର୍ଣ୍ଣତା ଏବଂ ସମ୍ପୂର୍ଣ୍ଣ ମାନବୀୟ ସୁଖ ପ୍ରଦାନ କରି ପାରି ନଥାଏ ବରଂ ବସ୍ତୁର ମାଲିକ ହେବା ରାସ୍ତାରେ ବ୍ୟକ୍ତି ନିଜର ଆମ ପରିଚୟ ନୈତିକତା, ପରୋପକାରିତା ଏବଂ ସାମାଜିକ ଦାୟିତ୍ୱବୋଧତା ଠାରୁ ଦୁରେଇ ଯାଇଥାଏ । ଆଉ ଏକ କଥାକୁ ବି ବୁଝିବାର ଅଛି । ଯଦି ବସ୍ତୁ ସର୍ବଶ୍ରେଷ୍ଠ ସୁଖର ଉତ୍ସ ହୋଇ ଥାଆନ୍ତା ତେବେ ବୁଦ୍ଧ ଜନ୍ମ, ମୃତ୍ୟୁ, ଦୁଃଖ, ଅଭାବ ଆଦିର ଚିନ୍ତାକୁ ବୁଝିବା ପାଇଁ ଯୁବ ଅବସ୍ଥାରେ ରାଜପ୍ରାସାଦକୁ ପଛରେ ପକାଇ ଆଧାତ୍ମିକବାଦର ରାସ୍ତାକୁ ନିଜର କରି ନଥାନ୍ତେ । ଏହା ଠିକ ନିଷ୍ପତ୍ତି ଥିଲା କି ଭୁଲ ସେକଥା ଉପରେ ଆମର ମତ ଭିନ୍ନ ହୋଇ ପାରେ, କିନ୍ତୁ ଆମେ ସମସ୍ତେ ଏକମତ ହେବା ଯେ ବସ୍ତୁ ମାଲିକାନା ଜୀବନର ସର୍ବସ୍ୱ ଉପଲବ୍ଧ ହୋଇ ନପାରେ । ଅର୍ଥନୀତିର ନିୟମ ଅନୁସାରେ ଏକ ନିର୍ଦ୍ଦିଷ୍ଟ ସୀମା ଅତିକ୍ରମ କଲା ପରେ, ଅଧିକ ବସ୍ତୁର ପାହାଡ଼ରେ ବସିଥିବା ଲୋକମାନେ ଅଧିକ ଖୁସି ହୁଅନ୍ତି ନାହିଁ । କିନ୍ତୁ ବସ୍ତୁବାଦ ଦ୍ୱାରା ପରିଚାଳିତ ଆମ ସମାଜରେ, ଏହି ସତ୍ୟକୁ ହୃଦୟଙ୍ଗମ କରିବା ନିଶ୍ଚିତ ଭାବେ କଷ୍ଟକର । କମ୍ ବସ୍ତୁବାଦୀ ଜୀବନ ଶୈଳୀରେ ବଞ୍ଚିବାର ଅର୍ଥ ନୁହେଁ ଯେ ଜଣେ ଭିକ୍ଷୁ ହେବ ଏବଂ ଜୀବନର ସମସ୍ତ ଭୋଗରୁ ଦୂରେଇ ରହିବ । ଏହାର ଅର୍ଥ ଆମ ଜୀବନର ମୂଲ୍ୟବୋଧ ବସ୍ତୁବାଦ ଆଧାରିତ ନହେବା ଉଚିତ । ଯେତେବେଳେ ମଣିଷର ଆଭ୍ୟନ୍ତରୀଣ ଶୂନ୍ୟତା ଥାଏ, ସେତେବେଳେ ବସ୍ତୁର ମାଲିକ ହେବା ଗୁରୁତ୍ୱପୂର୍ଣ୍ଣ ହୋଇଯାଏ । ଯେତେବେଳେ ଆମେ ଆଭ୍ୟନ୍ତରୀଣ ଖୁସିରୁ ବଞ୍ଚିତ ହୁଅନ୍ତି ,ସେତେବେଳେ ଏହାକୁ ବାହ୍ୟ ଜିନିଷରେ ଭରିବାକୁ ଇଚ୍ଛା କରିବା ସ୍ୱାଭାବିକ । ଦୁର୍ଭାଗ୍ୟବଶତଃ ଏହା ହାତ ମୁଠାକୁ ବାଲିରେ ଭରିବା ପରି । ବାଲି ସାମୟିକ ଭାବରେ ଆମ ହାତ ମୁଠାକୁ ପୂର୍ଣ୍ଣ କରିବାର ପ୍ରହେଳିକା ସୃଷ୍ଟି କରିବ, ଆଉ ପର କ୍ଷଣରେ ଆମକୁ ରିକ୍ତ ହାତରେ ଛାଡ଼ି ଦେବ । ଯାହା ପାଇଁ ଆମେ କେବଳ ଭାଗ୍ୟକୁ ଦୋଷ ଦେବା ।



# ଗୁରୁ

## ମହାତ୍ମା ଗାନ୍ଧୀ

ଗୁରୁବାଦର ହିନ୍ଦୁ ସିଦ୍ଧାନ୍ତଟିକୁ ମୁଁ ବିଶ୍ୱାସ କରେ ଏବଂ ଆଧାତ୍ମିକ ଉପଲବ୍ଧିର କ୍ଷେତ୍ରରେ ତାହାର ମହତ୍ୱକୁ ମଧ ସ୍ୱୀକାର କରିଥାଏ । ଜଣେ ଗୁରୁ ନହେଲେ ଯେ ଯଥାର୍ଥ ଜ୍ଞାନ କଦାପି ସମ୍ଭବ ହୁଏନାହିଁ, ଏହି କଥାଟିରେ ପ୍ରଭୂତ ସତ୍ୟ ରହିଛି ବୋଲି ମୁଁ ଭାବୁଛି । ପାର୍ଥିବ ବ୍ୟାପାର ମାନଙ୍କରେ ଜଣେ ଅପୂର୍ଣ୍ଣତାଯୁକ୍ତ ଗୁରୁରେ ସମ୍ଭବତଃ କାମ ଚଳିଯାଏ, ମାତ୍ର ଆଧାତ୍ମିକ ବ୍ୟାପାରର କ୍ଷେତ୍ରରେ ତାହା ହୋଇପାରେ ନାହିଁ । କେବଳ ଜଣେ ପୂର୍ଣ୍ଣଜ୍ଞାନୀ ହିଁ ଗୁରୁରୂପେ ସିଂହାସନରେ ବସିବାର ଯୋଗ୍ୟତା ରଖିଥାନ୍ତି ।

ଯଦି ମୋ'ର ଜଣେ ଗୁରୁ ଥାଆନ୍ତେ ଏବଂ ମୁଁ ପ୍ରକୃତରେ ଜଣେ ଗୁରୁଙ୍କର ସନ୍ଧାନ କରୁଛି ତେବେ ମୁଁ ମୋ'ର ଶରୀର ଏବଂ ମୋ'ର ଆତ୍ମାକୁ ତାଙ୍କ ପାଖରେ ନେଇ ସମର୍ପଣ କରି ଦେଇଥାନ୍ତି । ମାତ୍ର, ଏହି ଅବିଶ୍ୱାସର ଯୁଗରେ ଜଣେ ଯଥାର୍ଥ ଗୁରୁ ପାଇବା କଷ୍ଟକର । ତାଙ୍କ ସ୍ଥାନରେ ଆଉ ଜଣକୁ ଆଣି ବସାଇଦେଲେ ସେ ହୁଏତ ନିରର୍ଥକରୁ ଆହୁରି କିଛି ଅଧିକ ଖରାପ ହେବେ, ଅନେକ ସମୟରେ ପ୍ରକୃତରେ ଅନିଷ୍ଟର ହିଁ କାରଣ ହୋଇ ରହିବେ । ତେଣୁ, ଅପୂର୍ଣ୍ଣ ବ୍ୟକ୍ତିମାନଙ୍କୁ ନିଜର ଗୁରୁ ବୋଲି ଗ୍ରହଣ କରିବା ବିଷୟରେ ମୁଁ ସମସ୍ତଙ୍କୁ ସାବଧାନ କରିଦେବି । ଅନ୍ଧାରରେ ବାଡ଼ି ବୁଲାଇ ଓ ଲକ୍ଷ ଲକ୍ଷ ଭୁଲକୁ ଅତିକ୍ରମ କରି ବରଂ ଯଥାର୍ଥ ସତ୍ୟପାଖରେ ପହଞ୍ଚିବା ଅନେକ ଭଲ, ମାତ୍ର, 'ନିଜର ଅଜ୍ଞାନ ବିଷୟରେ ଅଜ୍ଞାନ ହୋଇ ରହିଥିବା' ଜଣେ ବ୍ୟକ୍ତିର ହାତରେ ନିଜର ଦାୟିତ୍ୱକୁ ନେଇ ଥୋଇଦେବା ଆଦୌ ଉଚିତ ନୁହେଁ । ନିଜ ବେକରେ ପଥରଟାଏ ବାନ୍ଧି କେହି କେବେ ପହଁରିବା ଶିଖି ପାରିଛି କି ?

ଗୁରୁ ବିଷୟରେ ମୋ'ର ଯେଉଁ କଳ୍ପନା ଅଛି, ତାହାକୁ ହୁଏତ ସାଧାରଣ ସ୍ତରର ବୋଲି କୁହାଯିବ ନାହିଁ । ପୂର୍ଣ୍ଣତାରୁ ଏତେ ଟିକିଏ କମ୍ ହେଲେ ମୁଁ ଆଦୌ ସନ୍ତୁଷ୍ଟ ହେବିନାହିଁ । ମୁଁ ଏପରି ଜଣେ ବ୍ୟକ୍ତିଙ୍କର ସନ୍ଧାନ କରୁଛି, ଯିଏକି ଦେହ ଧାରଣ କରି ରହିଥିଲେ ମଧ ଅଦୂଷିତ ହୋଇ ରହିଛନ୍ତି, କୌଣସି ଉଗ୍ର ବାସନା ତାଙ୍କୁ ଦୋହଲାଇ ଦେଇପାରୁ ନାହିଁ, ଯେ ଯାବତୀୟ ପରସ୍ପରବିରୋଧୀ ଦ୍ୱୈତତାରୁ ମୁକ୍ତ ହୋଇ ରହିଛନ୍ତି ଯିଏ ସତ୍ୟ ଏବଂ ଅହିଂସାର ମୂର୍ତ୍ତିମନ୍ତ ଅବତାର ହୋଇ ରହିଛନ୍ତି ଓ ତେଣୁ, ଯିଏ କଦାପି କାହାକୁ ଭୟ କରିବେନାହିଁ ଓ ତାଙ୍କୁ ମଧ କେହି କଦାପି ଭୟ କରୁ ନ ଥିବେ ।

ତିନିଜଣ ଆଧୁନିକ ବ୍ୟକ୍ତି ମୋ' ଜୀବନ ଉପରେ ଗଭୀର ପ୍ରଭାବ ପକାଇଛନ୍ତି ଏବଂ ମୋତେ ବିମୁଗ୍ଧ କରି ରଖିଛନ୍ତି : ରାୟଚାନ୍ଦଭାଇ ତାଙ୍କର ଜୀବନ୍ତ ସମ୍ବନ୍ଧ ଦ୍ୱାରା, ଟଲଷ୍ଟୟ ତାଙ୍କର The Kingdom of God is within You ଗ୍ରନ୍ଥଟି ଦ୍ୱାରା ଏବଂ ରସ୍କିନ୍ ତାଙ୍କର Unto This Last ପୁସ୍ତକଟି ଦ୍ୱାରା ।

ମୁଁ ଭାବୁଛି, ରସ୍କିନ୍‌ଙ୍କର ଏହି ମହାନ୍ ଗ୍ରନ୍ଥଟିରେ ମୁଁ ମୋ' ନିଜର କେତେକ ଗଭୀରତମ ଭାବନା ପ୍ରତିଫଳିତ ହୋଇ ରହିଥିବାର ଆବିଷ୍କାର କରିଥିଲି ଏବଂ ସେହି କାରଣରୁ ହିଁ ସେହି ଗ୍ରନ୍ଥ ମୋତେ ମୋହିତ କରି ଦେଇଥିଲା ଏବଂ ମୋତେ ସମ୍ପୂର୍ଣ୍ଣ ଭାବରେ ବଦଳାଇଦେଲା । ସେହି ଗ୍ରନ୍ଥର ଶିକ୍ଷାଗୁଡ଼ିକୁ ମୁଁ ଏହିପରି ଭାବରେ ବୁଝିଥିଲି ।

(୧) ସମସ୍ତଙ୍କର ଭଲ ଭିତରେ ହିଁ ବ୍ୟକ୍ତିର ଭଲ ନିହିତ ହୋଇ ରହିଛି ।

(୨) ଜଣେ ଓକିଲର କାମର ଯେତିକି ମୂଲ୍ୟ, ଜଣେ ଭଣ୍ଡାରିର କାମର ମଧ ସେତିକି ମୂଲ୍ୟ ରହିଛି ; କାରଣ, ନିଜ କାର୍ଯ୍ୟରୁ ଜୀବିକା ନିର୍ବାହ କରିବାର ସମାନ ଅଧିକାର ସମସ୍ତଙ୍କର ରହିଛି ।

(୩) ଶ୍ରମମୟ ଜୀବନ ଅର୍ଥାତ୍ ମାଟିକୁ ଚାଷ କରୁଥିବା ତଥା କୌଣସି ହସ୍ତଶିଳ୍ପ ଜାଣିଥିବା ବ୍ୟକ୍ତିର ଜୀବନ ହେଉଛି ଯଥାର୍ଥ ଜୀବନ । ଏଗୁଡ଼ିକ ମଧ୍ୟରୁ ପ୍ରଥମଟିକୁ ମୁଁ ଜାଣିଥିଲି । ଦ୍ୱିତୀୟଟିକୁ ଅତ୍ୟନ୍ତ କ୍ଷୀଣଭାବରେ ଉପଲବ୍ଧି କରିଥିଲି, ତୃତୀୟଟି କେବେ ହେଲେ ଆଗରୁ ମୋ' ଭାବନାକୁ ଆସି ନଥିଲା । ବହିଟି ଏହି କଥାଟିକୁ ମୋ'ଲାଗି ଦିବାଲୋକ ପରି ସ୍ପଷ୍ଟ କରି ଦେଇଥିଲା ଯେ, ଦ୍ୱିତୀୟ ଏବଂ ତୃତୀୟ କଥାଟି ପ୍ରଥମଟି ମଧ୍ୟରେ ହିଁ ଅନ୍ତର୍ଭୁକ୍ତ ହୋଇ ରହିଥିଲେ ।

ଗୋଖଲେଙ୍କୁ ମୁଁ ମୋ'ର ରାଜନୀତିକ ଗୁରୁ ବୋଲି କହିଛି । ମାତ୍ର, ଆଧାତ୍ମିକ ବ୍ୟାପାର ଗୁଡ଼ିକ କ୍ଷେତ୍ରରେ, ମୁଁ ଦୁଃଖର ସହିତ କହୁଛି ଯେ, ମୁଁ ଏପର୍ଯ୍ୟନ୍ତ କାହାର ସମ୍ପର୍କରେ ଆସିନାହିଁ, ଯାହାଙ୍କ ପାଖରେ କି ନିଜକୁ ସମ୍ପୂର୍ଣ୍ଣ ଭାବରେ ସମର୍ପଣ କରିଦେଇ ପାରିବି ଏବଂ ରାଜନୀତିରେ ଗୋଖଲେଙ୍କର କଥାକୁ ଯେପରି ଗ୍ରହଣ କରିନେଇ ପାରୁଥିଲି, ତାହାଙ୍କର ମତକୁ ମୁଁ ସେହିପରି ନିର୍ବିବାଦ ଭାବରେ ଆଦୌ କୌଣସି ପ୍ରଶ୍ନ ନକରି ଗ୍ରହଣ କରିନେଇ ପାରୁଥିବି । ହୁଏତ, ଜଣେ ଆଧାତ୍ମିକ ଗୁରୁ ପାଇବା ପାଇଁ ମୁଁ ଏପର୍ଯ୍ୟନ୍ତ ଯଥେଷ୍ଟ ପାଗଳ ହୋଇପାରି ନାହିଁ । କାରଣ ମୁଁ ବିଶ୍ୱାସ କରେ ଯେ, ଆଧାତ୍ମିକ ଗୁରୁ ଆପେ ଆପେ ହିଁ ତୁମ ପାଖକୁ ଆସିବେ ବସ୍ତୁତଃ, ତୁମେ ଯେତେବେଳେ ତାଙ୍କପାଇଁ ଯୋଗ୍ୟ ହୋଇଯିବ, ସେତେବେଳେ ସେ ତୁମକୁ ଖୋଜି ବାହାର କରିନେବେ ।

ମାତ୍ର, ଭିତରେ ସେହି କ୍ଷୁଦ୍ର ସିଂହାସନଟି ଏହିପରି ଭାବରେ ଖାଲି ପଡ଼ିଥିଲେ ମଧ, ସ୍ୱର୍ଗୀୟ ରାୟଚାନ୍ଦଙ୍କ ପରେ, ଟଲଷ୍ଟୟ ହେଉଛନ୍ତି ସେହି ତିନିଜଣ ଆଧୁନିକମାନଙ୍କ ମଧ୍ୟରୁ ଜଣେ, ଯେଉଁମାନେ ମୋ'ର ଜୀବନ ଉପରେ ଗଭୀର ଆଧାତ୍ମିକ ପ୍ରଭାବ ପକାଇ ପାରିଛନ୍ତି । ତୃତୀୟ ବ୍ୟକ୍ତି ଜଣକ ରସ୍କିନ୍ । ଚାଳିଶିବର୍ଷ ପୂର୍ବେ, ଯେତେବେଳେ ମୁଁ ସଂଶୟବାଦ ଓ ଅନିଶ୍ଚିତତାର ଏକ ଘୋର ସଂକଟ ମଧ ଦେଇ ଗତି କରୁଥିଲି, ସେତେବେଳେ ମୁଁ The Kingdom of God is Within You ଗ୍ରନ୍ଥଟି ପାଠ କରିଥିଲି ଏବଂ ତାହାଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଥିଲି । ସେତେବେଳେ ମୁଁ ହିଂସାରେ ବିଶ୍ୱାସ କରୁଥିଲି । ଏହି ଗ୍ରନ୍ଥଟି ମୋ'ର ସଂଶୟବାଦ ଭିତରୁ ମୋତେ ମୁକ୍ତ କରି ଆଣିଲା ଏବଂ ମୋତେ ଅହିଂସାରେ ଦୃଢ଼ ବିଶ୍ୱାସ ରଖିଥିବା ଜଣେ ବ୍ୟକ୍ତିରେ ପରିଣତ କରିଦେଲା । ଟଲଷ୍ଟୟଙ୍କ ଜୀବନରେ ମୋ'ପାଇଁ ଯେଉଁ କଥାଟିର ସବୁଠାରୁ ଅଧିକ ଆବେଦନ ରହିଛି, ସେଇଟି ହେଉଛି ଯେ, ସେ ଯାହାକିଛି ପ୍ରଚାର କରୁଥିଲେ, ତାହାକୁ ନିଜ ଜୀବନରେ ପ୍ରୟୋଗ କରୁଥିଲେ ଏବଂ ସତ୍ୟର ଅନୁଶୀଳନରେ ସେ କୌଣସି ମୂଲ୍ୟକୁ ମଧ ଖୁବ୍ ବେଶୀ ବୋଲି ମନେ କରୁ ନ ଥିଲେ ।

ମୋ'ର କେହି ଶିଷ୍ୟ ନାହାନ୍ତି ; କାରଣ ମୁଁ ନିଜେ କାହାର ଶିଷ୍ୟତ୍ୱ ଗ୍ରହଣ କରିବି ବୋଲି ଆକାଂକ୍ଷା ରଖିଛି ଏବଂ ଜଣେ ଗୁରୁଙ୍କର ଅନ୍ୱେଷଣରେ ରହିଛି ।


ସୁଖ ହେଉଛି ମନୁଷ୍ୟୋଚିତ ସମ୍ମାନବୋଧର ଏକ ସନ୍ଦୀପିତ ଉପଲବ୍ଧି; ଏହା ହେଉଛି ଏପରି ଏକ ମାନବିକ ସ୍ୱାଧୀନତାର ଆକାଂକ୍ଷା, ଯାହାକି କେବଳ ବ୍ୟକ୍ତିଗତ ଆରାମ ଏବଂ ଭୌତିକ ଅଭାବର ସ୍ୱାର୍ଥ ପ୍ରେରିତ ପରିତର୍ପଣ ଠାରୁ ନିଜକୁ ଅଧିକ ମୂଲ୍ୟ ଦେଇଥାଏ ଏବଂ ଆତ୍ମସଂରକ୍ଷଣ ନିମନ୍ତେ ଏହି ସବୁକିଛିକୁ ଖୁସୀ ହୋଇ ସଙ୍ଗେ ସଙ୍ଗେ ବର୍ଜନ କରିବାକୁ ପ୍ରସ୍ତୁତ ହୋଇ ରହିଥାଏ । ସୁଖ ପ୍ରତ୍ୟେକ ମନୁଷ୍ୟର ଭିତରେ ରହିଥାଏ ଏବଂ ପରିପୂର୍ଣ୍ଣତା ଓ ସତ୍ୟର ଅନ୍ୱେଷଣ କରୁଥାଏ । 'ସବୁ ମଣିଷଙ୍କର ପରିପୂର୍ଣ୍ଣତାର ସନ୍ଧାନ କରିବାର ସାମର୍ଥ୍ୟ ରହିଛି ? ହଁ, ସେମାନଙ୍କର ନିଜ ଭିତରେ ତାହା ରହିଛି ।

# କଞ୍ଚା ଆମ୍ବର ଉପକାରିତା

ଆମ୍ବ ଏକ ସୁସ୍ୱାଦୁ ଫଳ ତଥା ଫଳ ମାନଙ୍କ ଭିତରେ ରାଜା । ଆମ୍ବ କେବଳ ଖାଇବାକୁ ଭଲ ଲାଗିଥାଏ ତାହା ନୁହେଁ ଆମ୍ବ ଏକ ସ୍ୱାସ୍ଥ୍ୟପ୍ରଦ ଫଳ ମଧ । ଆମ୍ବ ଖାଇବା ଦ୍ୱାରା ଶରୀରର ଅନେକ ଉପକାର ହୋଇଥାଏ । କଞ୍ଚା ଆମ୍ବରେ ରହିଛି ଅନେକ ଉପକାରୀ ଗୁଣ ।

ଯଦି ଏସିଡିଟି କିମ୍ବା ଛାତିରେ ଜ୍ୱଳନ ହେଉଥାଏ ତେବେ ପ୍ରତିଦିନ ଗୋଟିଏ କଞ୍ଚା ଆମ୍ବ ଖାଆନ୍ତୁ । ଏହା ଏସିଡିଟିକୁ କମ୍ କରିଥାଏ । କଞ୍ଚା ଆମ୍ବ ଉର୍ଜା ପ୍ରଦାନ କରିଥାଏ । ଦି' ପହର ସମୟରେ ଆଳସ୍ୟ ଦୂର କରିବାକୁ ହେଲେ ଖାଇସାରିବା ପରେ କଞ୍ଚା ଆମ୍ବ ଖାଆନ୍ତୁ । ଲିଭର ସମ୍ବନ୍ଧୀୟ ରୋଗକୁ କଞ୍ଚା ଆମ୍ବ ଦୂର କରିବାରେ ସାହାଯ୍ୟ କରିଥାଏ । ପ୍ରତିଦିନ କଞ୍ଚା ଆମ୍ବ ଖାଇବା ଦ୍ୱାରା ବ୍ୟାକ୍ଟେରିଆ ସଂକ୍ରମଣ ହୋଇ ନ ଥାଏ ।

କଞ୍ଚା ଆମ୍ବରେ ଭିଟାମିନ୍ 'ସି' ରହିଥିବାରୁ ଶରୀରରେ ରକ୍ତ କମ୍ ହେବାକୁ ଦେଇ ନ ଥାଏ । କଞ୍ଚା ଆମ୍ବ ରକ୍ତ କୋଷିକା ତିଆରି ହେବାରେ ସାହାଯ୍ୟ କରିଥାଏ ।



ମଧୁମେହ ରୋଗୀଙ୍କ ଲାଗି କଞ୍ଚା ଆମ୍ବ ଉତ୍ତମ । ରକ୍ତ ଶର୍କରା ପରିମାଣ କମ୍ କରିଥାଏ ।

କଞ୍ଚା ଆମ୍ବ ଦାନ୍ତ ମାଢ଼ି ପାଇଁ ଉପକାରୀ । ପାଟି ଦୁର୍ଗନ୍ଧ ଓ ମାଢ଼ିରୁ ରକ୍ତ ଆଦି ସମସ୍ୟାକୁ ଦୂର କରିଥାଏ ।

ଏହା ରୋଗପ୍ରତିରୋଧକ କ୍ଷମତାକୁ ବଢ଼ାଇ ଶରୀରକୁ ସୁସ୍ଥ ରଖିଥାଏ । ଗର୍ଭବତୀ ମହିଳା କଞ୍ଚା ଆମ୍ବ ଖାଇବା ଦ୍ୱାରା ମର୍ଣ୍ଣିଂସିକନେସ ଦୂର ହୋଇଥାଏ ।

କଞ୍ଚା ଆମ୍ବରେ ପଟାସିୟମ ଥିବାରୁ ଏହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ । ଏହାବାଦ୍ ଏଥିରେ ଥିବା ପେପଟିନ୍ ଏବଂ ଭିଟାମିନ୍ 'ସି' କୋଲେଷ୍ଟ୍ରୋଲକୁ କମ୍ କରିଥାଏ ।

ଭିଟାମିନ୍ 'ଏ' କଞ୍ଚା ଆମ୍ବରେ ଥିବାରୁ ଏହା ଚକ୍ଷୁ ପାଇଁ ଉତ୍ତମ । ଦୃଷ୍ଟି ଶକ୍ତି ବୃଦ୍ଧି କରିବାରେ କଞ୍ଚା ଆମ୍ବ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ।

ଭିଟାମିନ୍'ସି' କଞ୍ଚା ଆମ୍ବରେ ଥିବାରୁ ଚର୍ମ ପାଇଁ ଉପକାରୀ । ଏକଜିମା ଏବଂ ବ୍ରଣ ପରି ଅନ୍ୟାନ୍ୟ ଚର୍ମ ସମସ୍ୟା ଭଲ କରେ ।

ଆମ୍ବରେ ବିଟା କ୍ୟାରୋଟିନ୍ ଥିବାରୁ ଏହା ଆଜମା ରୋଗ ଦୂର କରେ ।

# ସ୍ୱର୍ବେଦ

ଇଚ୍ଛା ଜ୍ଞାନ ପ୍ରଯତ୍ନ ହୈ, ଚିହ୍ନ ସୋ
ଚେତନ ଜାନ ।
ଜା ମହଁ ତିନ ଯହ ନହିଁ ଦିଶେ,
ତା କହ ଜଡ଼ କରି ମାନ ॥୫୧॥

ଭାଷ୍ୟ - ଜ୍ଞାନ, ଇଚ୍ଛା ଏବଂ ପ୍ରଯତ୍ନ - ଏ ତିନି ଚେତନର ସଂକେତ ଅଟନ୍ତି । ଯାହାଠାରେ ଏ ତିନି ଗୁଣର ଅଭାବ ଦେଖାଯାଏ, ସେ ସମସ୍ତ ଜଡ଼ ଅଟନ୍ତି ।

ୱିରାଜ ଉପରୀ ଭାଗ କୋ, ଉର୍ଦ୍ଧ୍ୱ
କହେଁ ୱର ସନ୍ତ ।
ତତ୍ତ୍ୱ ନୀଚଲେ ଭାଗ କୋ, ଅର୍ଧ
ପତନ ୱଦ ସନ୍ତ ॥୫୨॥

ଭାଷ୍ୟ - ବିରାଜ ଅର୍ଥାତ ଅନୁଭବ ଭେଦ ସମାଧି ମଣ୍ଡଳର ଉପର ଭାଗକୁ ସନ୍ଥଜନ ଉର୍ଦ୍ଧ୍ୱ କହନ୍ତି ଏବଂ ତାହାର ନିମ୍ନ ଭାଗକୁ ଅର୍ଦ୍ଧ ବୋଲି କହିଥାନ୍ତି ଯେଉଁଠାରୁ ଜୀବର ପତନ ହୋଇଥାଏ ।


ଆ ଅଧାର ସାଁକେତ ହୈ, ୱାସ୍ତୱ
ମେଁ ନହିଁ ରୂପ ।
କହ ଅରୁ ଅକହ ସେ ପୃଥକ ହୈ,
ଅମୃତ ଶବ୍ଦ ସ୍ୱରୂପ ॥୫୩॥

ଭାଷ୍ୟ - 'ଆ' ସଂକେତ ଆଧାର ମାତ୍ର ଅଟେ, ବାସ୍ତବରେ ଏହା ଅକ୍ଷରର ଶୁଦ୍ଧ ସ୍ୱରୂପ ନୁହେଁ । ବ୍ୟକ୍ତ ଅବ୍ୟକ୍ତରୁ ଭିନ୍ନ ସେହି ପରମ ପ୍ରଭୁ ଅମୃତ ଶବ୍ଦ ସ୍ୱରୂପ ଅଟନ୍ତି ।

ଜ୍ଞାନ କିରଣ ସୁରତି କହେଁ, କାସା
ନିଗମ ୱଖାନ ।
ନିରତି ନିଗମ ଅତି ସୁକ୍ଷ୍ମ କୋ,
ଜାସନ ଅଧିକ ନ ଆନ ॥୫୪॥

ଭାଷ୍ୟ - ଜ୍ଞାନ, କିରଣ ଏବଂ ସୁରତି ସମାନାର୍ଥକ ଶବ୍ଦ ଅଟନ୍ତି ଏବଂ ବେଦରେ ସୁରତିକୁ 'କାସା' ବୋଲି ଅଭିହିତ କରାଯାଇଛି । ନିରତି ଅତ୍ୟନ୍ତ ସୂକ୍ଷ୍ମ ଅଟେ, ଯାହା ଅନ୍ତରରେ ପ୍ରବେଶ କରି ଶବ୍ଦ ସାଗରରେ ମିଳେଇ ଯାଏ ।

ଅର୍ଦ୍ଧ ଭୂମି ସୁରତି ରହେଁ, ନିରତି
ୱିରାଜିତ ଧାମ ।
ଯହ ସ୍ୱରୂପ ୟୋଗୀ ଲଖେଁ, ଜେହି




ଅନୁଭଓ୍ୱ ସତ୍ୟନାମ ॥୫୫॥

ଭାଷ୍ୟ - ସନ୍ଥମାନଙ୍କ ନିମନ୍ତେ ଅର୍ଦ୍ଧ ଆଉ ଉର୍ଦ୍ଧ୍ୱ ଏଭଳି ଦୁଇଟି ଭୂମି ରହିଛି । ଅର୍ଦ୍ଧ ଭୂମିରେ ସୁରତି ଓ ଚେତନ, ବିରାଜଧାମରେ ନିରତି ସ୍ଥିତ ହୋଇଥାଏ । ଏହି ଅନୁଭବ ଭେଦ ରହସ୍ୟକୁ ଯୋଗୀଜନ ଜାଣନ୍ତି ଯେଉଁମାନଙ୍କୁ ସତ୍ୟ ନାମ, ସାରଶବ୍ଦର ଅନୁଭବ ହୋଇଥାଏ । ଅନୁଭବ ଭେଦ ସମାଧି ମଣ୍ଡଳକୁ 'ବିରାଜ' କୁହାଯାଏ ।

ଜ୍ଞାନ ସେ ମୁକ୍ତୀ ହୋତ ହୈ,
ବନ୍ଧନ ହୈ ଅଜ୍ଞାନ ।
ଆତମ ଅନ୍ତର ଆତମା, ଯହ
ଅନୁଭଓ୍ୱ ୱିଜ୍ଞାନ ॥୫୬॥

ଭାଷ୍ୟ - ଜ୍ଞାନରୁ ମୁକ୍ତି ପ୍ରାପ୍ତ ହୁଏ ଏବଂ ଅଜ୍ଞାନରୁ ବନ୍ଧନ ହୋଇଥାଏ । ମାତ୍ର ବ୍ରହ୍ମବିଦ୍ୟା ବିଜ୍ଞାନ ଦ୍ୱାରା ଆତ୍ମା ଭିତରେ ପରମାତ୍ମାଙ୍କର ଅନୁଭବ ଦର୍ଶନ ହୋଇଥାଏ ।

ଜଓ୍ୱନ ତତ୍ତ୍ୱ ଜୈସା ରହେ,
ତାକୋ ତୈସା ଜାନ ।
ଯହ ଲକ୍ଷଣ ହୈ ଜ୍ଞାନ କା,
ୱିପରୀତ ଅଜ୍ଞାନ ॥୫୭॥

ଭାଷ୍ୟ - ଯେଉଁ ପଦାର୍ଥ ଯେପରି ଅଛି ତାକୁ ସେହି ରୂପରେ ଜାଣିବା ଜ୍ଞାନ ଅଟେ । ଏହାର ବିପରୀତ ବୋଧ ଅଜ୍ଞାନ ଅଟେ । ବିପରୀତ ଅର୍ଥାତ୍ ଓଲଟା ଜ୍ଞାନକୁ ଅଜ୍ଞାନ କହନ୍ତି । କୌଣସି ବସ୍ତୁକୁ ଯଥାର୍ଥ ରୂପରେ ଜାଣିବା ଜ୍ଞାନ ଅଟେ ।

ସତ୍ୟ ଜ୍ଞାନ ନିରଭ୍ରାନ୍ତ ହୈ,
ଜିଓ୍ୱନ୍ମୁକ୍ତ ପଦ ସାଧି ।
ଦେଓ୍ୱ ସଦାଫଲ ଗୁରୁ କୃପା,
ଜାଗେ ସହଜ ସମାଧି ॥୫୮॥

ଭାଷ୍ୟ - ସଦ୍‌ଗୁରୁ କୃପାରୁ ଯେତେବେଳେ ସହଜ ଯୋଗ ସମାଧି ଦ୍ୱାରା ଜୀବନ୍ମୁକ୍ତ ଅବସ୍ଥାର ପ୍ରାପ୍ତି ହୋଇଯାଏ, ସେତେବେଳେ ଯୋଗ ସମାଧିରେ ସତ୍ୟ ଏବଂ ନିର୍ଭ୍ରାନ୍ତ ଜ୍ଞାନ ହୋଇଥାଏ । ଯୋଗ ସମାଧି ଦ୍ୱାରା ଯେତେବେଳେ ପ୍ରକୃତିର ଆବରଣ ଖୋଲିଯାଏ, ସେତେବେଳେ ବ୍ରହ୍ମ ସାକ୍ଷାତ୍କାର ହୋଇଥାଏ । ପରଂବ୍ରହ୍ମଙ୍କର ପ୍ରକାଶରେ ସମସ୍ତ ଜ୍ଞାନ ଆତ୍ମାକୁ ପ୍ରତ୍ୟକ୍ଷ ହେବାରେ ଲାଗେ । ବ୍ରହ୍ମ ସାକ୍ଷାତ୍କାର ବିନା ଯଥାର୍ଥ ଜ୍ଞାନର ପ୍ରାପ୍ତି ହୋଇ ନ ଥାଏ । ସମସ୍ତ ଜ୍ଞାନର କାରଣ ନିଃଶବ୍ଦ ପରମ ପୁରୁଷ ଅଟନ୍ତି । ସେଥିପାଇଁ ପୂର୍ଣ୍ଣ ଜ୍ଞାନର ପ୍ରାପ୍ତି ନିମନ୍ତେ ସଦ୍‌ଗୁରୁଙ୍କର ଶରଣରେ ରହି ବ୍ରହ୍ମବିଦ୍ୟା ସହଜ ଚେତନର ଅଭ୍ୟାସ କରିବା ଉଚିତ ଯାହା ଫଳରେ ପରଂବ୍ରହ୍ମଙ୍କର ପ୍ରାପ୍ତି, ଜୀବନ୍ମୁକ୍ତି ଏବଂ ପରମାନନ୍ଦଙ୍କର ଉପଲବ୍ଧି ହୋଇପାରିବ ।

॥ ଇତି ସ୍ୱର୍ବେଦ ଦ୍ୱିତୀୟ ମଣ୍ଡଳ,
ଷଷ୍ଠ ଅଧ୍ୟାୟ ଭାଷ୍ୟ ସମାପ୍ତ ॥

ସପ୍ତମ ଅଧ୍ୟାୟ

ଗ୍ରହଣ କରୋ ଗୁଣ ଜଗତ ସେ,
ଐଗୁଣ ଦେଖି ନ କୋୟ ।
ଐଗୁଣ ଦେଖୋ ଆପ ମେଁ, ତ୍ୟାଗ
ୟତନ କର ସୋୟ ॥୦୧॥

ଭାଷ୍ୟ - ଅନ୍ୟର ଅବଗୁଣକୁ ନ ଦେଖି ତାହାର ଗୁଣ ଗ୍ରହଣ କରିବା ଉଚିତ ଏବଂ ନିଜର ଦୁର୍ଗୁଣକୁ ଦେଖି ସେଗୁଡ଼ିକ ପରିତ୍ୟାଗ କରିବା ନିମନ୍ତେ ପ୍ରଯତ୍ନ କରିବା ଉଚିତ । ଦୁର୍ଗୁଣସମ୍ପନ୍ନ ବ୍ୟକ୍ତିର ଗୁଣକୁ ଗ୍ରହଣ କରନ୍ତୁ, ମାତ୍ର ସେଗୁଡ଼ିକଠାରୁ ସାବଧାନ ରହନ୍ତୁ, ନ ହେଲେ ବିଶେଷ କ୍ଷତି ହେବାର ସମ୍ଭାବନା ରହିବ । ଜୀବନରେ ଆତ୍ମପରୀକ୍ଷା କରିବା ଉଚିତ । ଏସବୁ ହେବା ଦ୍ୱାରା ବିବେକୀ ପୁରୁଷ ନିଜ ଦୁର୍ଗୁଣଗୁଡ଼ିକୁ ତ୍ୟାଗକରି ଅନ୍ୟର ଗୁଣଗୁଡ଼ିକୁ ଗ୍ରହଣ କରିଥାନ୍ତି । ଯେତେବେଳ ପର୍ଯ୍ୟନ୍ତ ପରୀକ୍ଷା କରି ନିଜ ଜୀବନରେ ଦୁର୍ଗୁଣର ତ୍ୟାଗ ଆଉ ଗୁଣର ଗ୍ରହଣ ନ ହେବ, ସେତେବେଳ ପର୍ଯ୍ୟନ୍ତ ଜୀବନ ପବିତ୍ର ଏବଂ ନିଜ ଲକ୍ଷ୍ୟ ପ୍ରାପ୍ତି ନିମନ୍ତେ ଯୋଗ୍ୟ ହୋଇ ପାରିବ ନାହିଁ । ସେଥିପାଇଁ ଆତ୍ମବିଶ୍ୱାସୀ ପୁରୁଷ ଜିତେନ୍ଦ୍ରୀୟ, ଗୁଣବାନ ହୋଇ ଆଧ୍ୟାତ୍ମ କିମ୍ବା ସଂସାରର କୌଣସି କ୍ଷେତ୍ରରେ ଅଗ୍ରସର ହେବେ, ତେବେ ସେମାନଙ୍କର ଜୀବନର ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇପାରିବ ଏବଂ ସେମାନେ ହିଁ ଦେଶ, ଜାତି ଏବଂ ସମାଜର ମଙ୍ଗଳ କରିପାରିବେ ।

ପୂଜ୍ୟ କର୍ମ ଗୁଣ ହୋତ ହୈ,
ଉମର ଜାତି ନହିଁ କୋୟ ।
ଜୀଓ୍ୱନ ଦର ଅଧ୍ୟାତ୍ମ ମେଁ,
ହଁସଦଶା ମୟ ସୋୟ ॥୦୨॥

ଭାଷ୍ୟ - କର୍ମ, ଗୁଣ ଏବଂ ସ୍ୱଭାବରେ ଉଚ୍ଚ ହେଲେ ହିଁ କୌଣସି ବ୍ୟକ୍ତି ପୂଜ୍ୟ ଆଉ ମହାନ୍ ହୋଇଥାନ୍ତି, ବୟସ କିମ୍ବା ଜନ୍ମରୁ ନୁହେଁ । ଯାହାର ଜୀବନ ଅଧ୍ୟାତ୍ମ କ୍ଷେତ୍ରରେ ବିକଶିତ, ସେପରି ଶୁଦ୍ଧ ହଂସ ସର୍ବପୂଜ୍ୟ ଏବଂ ଆଦରଣୀୟ ଅଟନ୍ତି ।

କୃତ୍ରିମ ସବ ଭାଷା ବନେ, ୱିଦ୍ୟା
ସତ୍ୟ ନ ସୋୟ ।
ଭୂଲ ନ ୱାଣୀ ଜାଲ ମେଁ,
ସଦ୍‌ଗୁରୁ ଜ୍ଞାନ ସମୋୟ ॥୦୩॥

ଭାଷ୍ୟ - ସମସ୍ତ ଭାଷା କୃତ୍ରିମ ଅଟନ୍ତି, ସତ୍ୟ ଜ୍ଞାନ ନୁହନ୍ତି । ଅତଏବ ବାଣୀର ଜାଲରେ ନ ଭୁଲି ନିଜ କଲ୍ୟାଣ ନିମନ୍ତେ ସଦ୍‌ଗୁରୁଙ୍କର ବାଣୀ ଅର୍ଥାତ୍ ବ୍ରହ୍ମବିଦ୍ୟାର ସଦୁପଦେଶକୁ ଗ୍ରହଣ କରି ଅଧ୍ୟାତ୍ମ ପଥରେ ଅଗ୍ରସର ହୁଅନ୍ତୁ । ସଦ୍‌ଗୁରୁଙ୍କର ଜ୍ଞାନ ସାଧନ ଦ୍ୱାରା ହିଁ ଜୀବର କଲ୍ୟାଣ ହେବ ।

# ଗୁଡ଼ ଖାଇଲେ ୭ ଦିନରେ ଲାଭ ମିଳିବ



ଭାରତର ବିଭିନ୍ନ ପ୍ରାନ୍ତରେ ଶୀତଦିନେ ଲୋକେ ଗୁଡ଼ର ଉପଯୋଗ ଅଧିକ କରୁଥିବାର ଦେଖାଯାଏ । ତେବେ ବିଶେଷଜ୍ଞଙ୍କ ମତରେ ପ୍ରତ୍ୟେକ ଋତୁରେ ଗୁଡ଼ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ଆୟୁର୍ବେଦ ଅନୁସାରେ ସୁସ୍ଥ ରହିବା ନିମନ୍ତେ ଦୈନିକ ୨୦ ଗ୍ରାମ ଗୁଡ଼ସେବନ କରିବା ଉଚିତ । ଏକ ପରୀକ୍ଷା ଅନୁସାରେ ନିୟମିତ ଭାବେ ୭ ଦିନ ଭୋଜନ ପରେ ଗୁଡ଼ ଖାଇଲେ ହିଁ ଏହାର ଉତ୍ତମ ପ୍ରଭାବ ଶରୀରରେ ଆରମ୍ଭ ହୋଇଥାଏ ।

ଭଲ ଭାବରେ ଜାଣି ରଖିବା ଉଚିତ ଯେ ଚିନି ଖାଇଲେ ଶରୀରରେ ଅମ୍ଳ ବୃଦ୍ଧି ହେବା ସହ ଏସିଡିଟି ରୋଗ ବଢ଼େ । ହେଲେ ଗୁଡ଼ ଖାଇବା ଦ୍ୱାରା ଶରୀରରୁ ଅମ୍ଳ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଥାଏ ।

୧ ସପ୍ତାହ ପର୍ଯ୍ୟନ୍ତ ଭୋଜନ ପରେ ଗୁଡ଼ ଖାଇଲେ ତ୍ୱଚାରେ ବିଶେଷ ଚମକ ଆସିଥାଏ । ଯୁବତୀ ଓ ମହିଳାମାନେ ଏହା ଖାଇ ନିଜେ ପରୀକ୍ଷା କରିପାରିବେ ।

ଗୁଡ଼ରେ ଥିବା କ୍ୟାଲସିୟମ୍ ଓ ଫସଫରସ ହାଡ଼କୁ ମଜବୁତ କରିଥାଏ ।

ଦୁର୍ବଳ ଲାଗୁଥିଲେ ୧ ଚାମଚ ଗୁଡ଼ ଭୋଜନ ପରେ ଖାଆନ୍ତୁ । ୨-୩ ଦିନ ମଧ୍ୟରେ ଏହାର ପ୍ରଭାବ ଜାଣି ପାରିବେ । ଗୁଡ଼ ଏକ ଶକ୍ତିବର୍ଦ୍ଧକ ଖାଦ୍ୟ ।

ମାଇଗ୍ରେନ୍ ରୋଗୀ କିମ୍ବା ମୁଣ୍ଡ ନିୟମିତ ଭାବେ ବିନ୍ଧୁଥିଲେ, ଗୁଡ଼ ଖାଇଲେ ଏହାର ଭଲ ପ୍ରଭାବ ପଡ଼ିଥାଏ ।

## ଟିକିଏ ହସନ୍ତୁ

ସ୍ତ୍ରୀ: ତୁମେ କେତୋଟି ରୁଟି ଖାଇବ ।
ସ୍ୱାମୀ: ୮ଟି ଖାଇବି ।
ସ୍ତ୍ରୀ: ଆଉ ଦୁଇଟା ମୋ ପାଇଁ ବନେଇ ଦେବ ।

× × ×

ମୋନୁ ଝିଅ ସହିତ ହ୍ୱାଟସଆପ୍‌ରେ ଚାଟିଙ୍ଗ୍ କରୁଥିଲା ।
ମୋନୁ: ତୁମେ ଦେଖିବାକୁ ବହୁତ ସୁନ୍ଦର ।
ଝିଅ: ସତରେ ।
ମୋନୁ: ଏତେ ସୁନ୍ଦରୀ କେମିତି ହେଲ । କ'ଣ ବ୍ୟବହାର କରୁଛ ?
ଝିଅ: ଫଟୋସପ୍ ଆଉ କ୍ୟାମେରା ଫିଲ୍ଟର ।

× × × ×

ରାହୁଲ: ସାଙ୍ଗ ତୁ ଏମିତି ରାକ୍ଷସଙ୍କ ପରି କୁକରରୁ କ'ଣ ଖାଉଛୁ ? ତୋ ଘରେ ଥାଳି, ପ୍ଲେଟ ନାହିଁ କି ?
ପଙ୍କଜ୍: ଲକଡାଉନରେ ବାସନ ମାଜି ମାଜି ମୋ ହାତ ଘୋରି ହୋଇଗଲାଣି । ଆଜି ମୁଁ ଡାଇରେକ୍ଟ କୁକରରୁ ଡାଲି ପିଇ ଦେଲି ।

× × × ×



ସ୍ତ୍ରୀ: ଲକଡାଉନ ଉଠିଲା ପରେ ବି ମୁଁ ତୁମକୁ ଅଫିସ୍ ଯିବାକୁ ଦେବିନି ।
ସ୍ୱାମୀ: କାହିଁକି ?
ସ୍ତ୍ରୀ: ମତେ କାମବାଲି ଠାରୁ ତୁମ କାମ ଅଧିକ ଭଲ ଲାଗୁଛି ।

× × × × × ×

ଦୋକାନୀ: ମ୍ୟାଡାମ୍ କ'ଣ ହୋଇଛି ଆପଣ ଏତେ ଚିନ୍ତିତ ଲାଗୁଛନ୍ତି ଯେ ?
ମ୍ୟାଡାମ୍: ମୋ ମୋବାଇଲର ନେଟ୍‌ୱାର୍କ ଅସୁନି ।
ଦୋକାନୀ: ଖରାପ ମୌସମ ପାଇଁ ନେଟ୍‌ୱାର୍କ ଆସୁନି ।
ମ୍ୟାଡମ୍: ଏଇ ନିଅ ୫୦୦ ଟଙ୍କା ମୋବାଇଲରେ ନୂଆ ମୌସମ ପକାଇଦିଅ ।

× × × × × ×

ସ୍ୱାମୀ: ମୋ ପର୍ସରୁ ଟଙ୍କା କିଏ ନେଇଛି ?
ସ୍ତ୍ରୀ: ମୁଁ ନେଇଛି ।
ସ୍ୱାମୀ: ମତେ କହିକି ନେଇଥାନ୍ତ ।
ସ୍ତ୍ରୀ: କେତେ ଆଉ ମାଗିବି । ମତେ ବି ଆତ୍ମନିର୍ଭର ହେବାର ଅଛି ।

× × × × × ×

ସୋନୁ: ସାଙ୍ଗ ବାହାଘର ପରେ ଆଇ ଲଭ୍ ୟୁର କିଛି ମୂଲ୍ୟ ନାହିଁ । ମୁଁ ଯେତେ ବି ଆଇ ଲଭ ୟୁ କହୁଛି ମୋ ସ୍ତ୍ରୀ ମୁହଁ ମୋଡ଼ି ଚାଲିଯାଉଛି । ତା'ରାଗ କେମିତି ଶାନ୍ତ କରିବି ?
ମୋନୁ: ତୁ କହିବୁ ଆଜି ମୁଁ ସବୁ ବାସନ ମାଜି ଦେଉଛି । ଆପେ ଆପେ ରାଗ ଶାନ୍ତ ହୋଇଯିବ ।

× × × × × ×

ଯୋଗ ଗୁରୁ: ଯୋଗ କରିବା ପରେ ଆପଣଙ୍କ ସ୍ୱାମୀଙ୍କର ମଦ ପିଇବାରେ କିଛି ପରିବର୍ତ୍ତନ ଆସିଲା ?
ମହିଳା: ହଁ ଏବେ ମୁଣ୍ଡ ତଳକୁ ଗୋଡ଼ ଉପରକୁ କରି ପିଉଛନ୍ତି ।

# ମୂତ୍ରାଶୟ ସଂକ୍ରମଣରୁ ରକ୍ଷା କରିବ ଡାଳିମ୍ବ

ୟୁରିନାରୀ ଟ୍ରାକ୍ଟ ଇନଫେକସନ ବା ମୂତ୍ରମାର୍ଗ ସଂକ୍ରମଣ ବିଶେଷକରି ମହିଳାଙ୍କ ଠାରେ ଦେଖା ଯାଉଥିବା ଏକ ପ୍ରକାର ରୋଗ । ଏକ ଅନୁମାନ ଅନୁସାରେ ପ୍ରାୟ ୪୦ ପ୍ରତିଶତ ମହିଳା ଜୀବନରେ କେବେ ନା କେବେ ଏହି ରୋଗର ସମ୍ମୁଖୀନ ହୋଇଥାନ୍ତି । ମୂତ୍ର ମାର୍ଗ ସଂକ୍ରମଣରେ ଜୀବାଣୁ ମୂତ୍ର ମାର୍ଗର ଯେ କୌଣସି ସ୍ଥାନକୁ ପ୍ରଭାବିତ କରିପାରେ । ୟୁଟିଆଇ ଦ୍ୱାରା ଗ୍ରସିତ ହେବା ପରେ ମୂତ୍ରରେ ଜୀବାଣୁଙ୍କ ସଂଖ୍ୟା ବଢ଼ିବାରେ ଲାଗେ । ଯେତେବେଳେ ଏହି ସଂଖ୍ୟା ବଢ଼ିବାରେ ଲାଗେ, ସେତେବେଳେ ପୀଡିତ ବ୍ୟକ୍ତିକୁ ଅସ୍ତବ୍ୟସ୍ତ କରି ପକାଏ । ଏ ସମୟରେ ତରଳ ପଦାର୍ଥ ହିଁ ଔଷଧ ଭାବେ କାମ କରେ ।

**ସଂକ୍ରମଣରୁ ରକ୍ଷା ପାଇଁ ଡାଳିମ୍ବ:** ଡାଳିମ୍ବରେ ପ୍ରଚୁର ଔଷଧୀୟ ଗୁଣ ଭରପୁର ରହିଛି । ଗୋଟିଏ ଡାଳିମ୍ବରେ ଶହେ ରୋଗର ଚିକିତ୍ସା ସମ୍ଭବ ବୋଲି ମଧ



କୁହାଯାଏ । ଭିଟାମିନ୍ ସବୁଠୁ ଉତ୍ତମ ସ୍ରୋତ ହେଉଛି ଡାଳିମ୍ବ । ଏଥିରେ ଭିଟାମିନ୍ ଏ, ସି ଏବଂ ଇ ସାଙ୍ଗକୁ ଫଲିକ୍ ଏସିଡ୍ ମଧ ରହିଥାଏ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟି ଭାଇରାଲ ବିଶେଷତା ଦେଖିବାକୁ ମିଳିଥାଏ । ଏଥିରେ ମିଳୁଥିବା ଭିଟାମିନ୍ ସି ଏବଂ ଅନ୍ୟ ଆଣ୍ଟି ଅକ୍ସିଡାଣ୍ଟ ସଂକ୍ରମଣରୁ ରକ୍ଷାକରେ । ଏହି ଆଣ୍ଟିଅକ୍ସିଡାଣ୍ଟ ମୂତ୍ରମାର୍ଗରେ ପ୍ରବେଶ କରୁଥିବା ଜୀବାଣୁକୁ ରୋକିବାରେ ସହାୟକ ହୋଇଥାଏ । ଭିଟାମିନ୍ ସି, ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୁତ କରିଥାଏ । ଏହି ସଂକ୍ରମଣରୁ ରକ୍ଷା କରିବାକୁ ଭିଟାମିନ୍ ସି' ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଏହାଛଡ଼ା ଡାଳିମ୍ବ ପରିବର୍ତ୍ତିତ ହର୍ମୋନର ପ୍ରଭାବକୁ କମ୍ କରିଦିଏ, ଯାହା ୟୁଟିଆଇ ପାଇଁ ଦାୟୀ ବୋଲି କୁହାଯାଏ ।

ଯଦି ସଂକ୍ରମଣ କମ୍ ଥାଏ, ତେବେ ଡାଳିମ୍ବ ଦାନାକୁ ଦିନକୁ ଥରେ ଗୋଟେ କପ୍ ପରିମାଣରେ ଖାଇପାରିବେ । ଯଦି ଅଧିକ ହୋଇଥାଏ, ତେବେ ଦିନକୁ ଦୁଇ କିମ୍ବା ତିନି ଥର ସେବନ କରିବେ । ଚାହିଁଲେ ରାତିରେ ଖାଦ୍ୟ ଗ୍ରହଣ କରିବା ପରେ ମଧ ଏହାକୁ ଖାଇପାରିବେ ।

## ସୁସ୍ଥ ରଖେ ଦହି ଭାତ

ଦହିରେ କମ୍ କ୍ୟାଲୋରୀ ଥିବା ହେତୁ ଏକ ମାସ ପର୍ଯ୍ୟନ୍ତ ପ୍ରତିଦିନ ଦହିଭାତ ଖାଇବା ଦ୍ୱାରା ଓଜନ ହ୍ରାସ ହେବ । ଯଦି କୋଷ୍ଠକାଠିନ୍ୟ ସମସ୍ୟା ଥାଏ କିଛି ଦିନ ଦହି ଭାତ ଖାଆନ୍ତୁ, ଏହି ସମସ୍ୟା ଦୂର ହୋଇଯିବ । ଦହିରେ ପ୍ରଚୁର ପରିମାଣରେ ଉତ୍ତମ ବ୍ୟାକ୍ଟେରିଆ ରହିଛି । ଏହା ବଦହଜମି, ପେଟ ଗୋଳମାଳ ଆଦି ଭଲ କରି ଦେଇଥାଏ । ଦହି ଭାତ ଖାଇଲେ ଚିନ୍ତା ଦୂର ହୁଏ । ଏଥିରେ ଥିବା ପ୍ରୋବାୟୋଟିକସ ବ୍ୟାକ୍ଟେରିଆ, ଆଣ୍ଟି ଅକ୍ସିଡାଣ୍ଟ କାରଣରୁ ମୁଡ୍ ଭଲ ରହିଥାଏ ।



# ପୋଦିନାର ଉପକାରିତା

ପୋଦିନା ଏକ ବାରମାସୀ ବୃକ୍ଷ, ଏହାର ଗଛ ଦେଖିବାକୁ ଖୁବ୍ ଛୋଟ । ଯେକୌଣସି ବାଲି ସ୍ଥାନରେ ଏହାର ଡାଙ୍ଗକୁ ପୋତି ଲଗାଇ ପାରିବେ । ଏହାର ବିଭିନ୍ନ ପ୍ରଜାତି ୟୁରୋପ, ଆମେରିକା, ଏସିଆ, ଆଫ୍ରିକା ଓ ଅଷ୍ଟ୍ରେଲିଆରେ ମିଳିଥାଏ । ପୋଦିନାକୁ ଶଙ୍କର କିସମରେ ମଧ ଉପଲବ୍ଧ କରାଯାଇଥାଏ । ପୋଦିନା କେବଳ ରୋଷେଇରେ ବ୍ୟବହୃତ ହୁଏ ତାହା ନୁହେଁ, ଏହା ସ୍ୱାସ୍ଥ୍ୟ ପାଇଁ ବହୁ ଉପଯୋଗୀ । ସାଲାଡ୍‌ରେ ଏହାକୁ ସାମିଲ କରନ୍ତୁ । ପୋଦିନା ପତ୍ରକୁ ରୋଗୀ ପ୍ରତିଦିନ ଚୋବାଇ ଖାଇବା ଦ୍ୱାରା ଦନ୍ତ ରୋଗ, ପାୟରିଆ, ଦାନ୍ତମୂଳରେ ରକ୍ତ ବାହାରିବା ପରି ସମସ୍ୟା ଦୂର ହୋଇଥାଏ ।

ଏକ ଗ୍ଲାସ ପାଣିରେ ୪-୫ ଟି ପୋଦିନା ପତ୍ରକୁ ଗରମ କରନ୍ତୁ । ଥଣ୍ଡା ହେବା ପରେ ଫ୍ରିଜରେ ରଖି, ଏହି ପାଣିରେ କୁଳି କରନ୍ତୁ ।

ପୋଦିନା ଚା' ପିଇବା ଫଳରେ ଚର୍ମ ସମସ୍ୟା ଓ ଉଦର ସମସ୍ୟା ଦୂର ହୁଏ । ଏହା ପେଟକୁ ସଫା କରେ ଓ ତ୍ୱଚାର ବ୍ରଣ ଦୂର କରେ ।

ପୋଦିନା କୀଟାଣୁନାଶକ । ଘର ଚାରି କଡ଼ରେ ପୋଦିନା ତେଲ ସିଞ୍ଚନ କରାଯାଏ ତେବେ ମାଛି, ମଶା, ପିମ୍ପୁଡ଼ି ଆଦି କୀଟାଣୁ ଦୂରେଇ ଯାଆନ୍ତି ।

ପୋଦିନା ପତ୍ରକୁ ବାଟି ଲେପ ଓ ବାଙ୍ଗ ଦ୍ୱାରା ବ୍ରଣ ଓ ତ୍ୱଚାରେ ଚମକ ଆସିଥାଏ ।

ଏକ ଟବରେ ପାଣି ଭରି ଏଥିରେ କିଛି ବୁନ୍ଦା ପୋଦିନା ତେଲ ପକାଇଏହି ପାଣିରେ ପାଦ ରଖିଲେ



ପାଦର ଥକ୍କାପଣ ଦୂର ହୋଇଥାଏ ।

ହାକୁଟି ହେଉଥିଲେ ଯଦି ଏହାର ପତ୍ରକୁ ଚୋବାଇବେ କିମ୍ବା ପତ୍ରର ରସକୁ ମହୁ ସହିତ ସେବନ କରିବା ଦ୍ୱାରା ହାକୁଟି ବନ୍ଦ ହୋଇଥାଏ ।

ପୋଦିନା ଚା'ରେ ଚିମୁଟାଏ ସୈନ୍ଧବ ଲୁଣ ମିଶାଇ ପିଇବା ଦ୍ୱାରା କାଶରୁ ଉପଶମ ମିଳିଥାଏ ।

ପୋଦିନା ରସରେ ମହୁ ମିଶାଇ ସେବନ କଲେ ଜ୍ୱର ଦୂର ହୋଇଥାଏ ଏବଂ ନ୍ୟୁମୋନିଆର ବିକାରକୁ ଦୂର କରେ ।

ପେଟରେ ଅଚାନକ ଯନ୍ତ୍ରଣା ହେଉଥିଲେ ଅଦା ଓ ପୋଦିନା ରସରେ ସୈନ୍ଧବ ଲୁଣ ମିଶାଇ ସେବନ କରନ୍ତୁ ।

ନାକରୁ ରକ୍ତ ପଡୁ ଥିଲେ ପିଆଜ ରସରେ ପୋଦିନା ରସକୁ ମିଶାଇ ନାକରେ ପକାଇଲେ ଉପଶମ ମିଳିଥାଏ । ପୋଦିନା ପତ୍ରକୁ ବାଟି ମହୁ ସହିତ ମିଶାଇ ଦିନରେ ତିନିଥର ଚଟଣୀ କରି ଖାଇଲେ ପେଟ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ ।

# ଶରୀର ପାଇଁ କର୍ପୂରରେ ଉପଚାର

କର୍ପୂର ପୂଜାପାଠ ଓ ଭୋଗରାଗ ଆଦିରେ ବ୍ୟବହାର କରାଯାଏ । ଏହା ବ୍ୟତୀତ କର୍ପୂର ଓ ତା'ର ତେଲ ସ୍ୱାସ୍ଥ୍ୟ ପକ୍ଷେ ବେଶ୍ ଲାଭକାରୀ ହୋଇଥାଏ ।

ତ୍ୱଚାରେ ବ୍ରଣ କିମ୍ବା ଅନ୍ୟ ସମସ୍ୟା ହୋଇଥିଲେ ଅଳ୍ପ କର୍ପୂର ସହ ନଡ଼ିଆ ତେଲ ମିଶାଇ ଉକ୍ତ ସ୍ଥାନରେ ମାଲିସ୍ କରନ୍ତୁ । ଏହାଦ୍ୱାରା ତ୍ୱଚା ସମସ୍ୟା ଦୂର ହୋଇଯିବ । ଶରୀରର କୌଣସି ସ୍ଥାନରେ ଘା ହୋଇଥିଲେ କର୍ପୂରକୁ ପାଣିରେ ମିଶାଇ ଘା' ଉପରେ ଲଗାନ୍ତୁ । ଥଣ୍ଡା ଲାଗିବା ସହ ଘା ଦୂର ହୋଇଯିବ । ତ୍ୱଚା ପୋଡି ଯାଇଥିଲେ



ଉକ୍ତ ସ୍ଥାନରେ କର୍ପୂର ଲଗାନ୍ତୁ । ପୋଡ଼ା କମିଯିବା ସହିତ ଚିହ୍ନ ହେବ ନାହିଁ ।

ଅବସାଦ ବା ଚିନ୍ତାରେ ଥିଲେ ମୁଣ୍ଡରେ କର୍ପୂର ତେଲ ମାଲିସ କରନ୍ତୁ । ଏହାଦ୍ୱାରା ମାନସିକ ଶାନ୍ତି ମିଳିବା ସହ ଚିନ୍ତା ଧୀରେ ଧୀରେ କମିବାକୁ ଲାଗିଥାଏ । କର୍ପୂର ତେଲ ଲଗାଇବା ଦ୍ୱାରା ମୁଣ୍ଡବ୍ୟଥା ମଧ ଭଲ ହୋଇଥାଏ ।

କର୍ପୂର ତେଲରେ ନଡ଼ିଆ ତେଲ ମିଶାଇ ମୁଣ୍ଡରେ ଲଗାନ୍ତୁ । ଏହାଦ୍ୱାରା କେଶ ଝଡିବା ହ୍ରାସ ହେବ । ମୁଣ୍ଡରେ ରୁପି ହୋଇଥିଲେ କର୍ପୂର ତେଲ ଲଗାଇଲେ ରୁପି ଦୂର ହୋଇଯିବ ।

ଗୋଇଠି ଫାଟିଥିଲେ ଗରମ ପାଣିରେ କର୍ପୂର ମିଶାଇ, ସେଥିରେ ପାଦ ବୁଡ଼ାନ୍ତୁ । ଏହାଦ୍ୱାରା ଫଟା ଗୋଇଠିକୁ ଆରାମ ଲାଗିବ । କିଛିଦିନ ଭିତରେ ଗୋଇଠି ଫଟା ଦୂର ହୋଇଯିବ । ଆଣ୍ଠୁଗଣ୍ଠି ସମସ୍ୟା ଥିଲେ କର୍ପୂର ତେଲ ମାଲିସ କରନ୍ତୁ । ଏହାଦ୍ୱାରା ଯନ୍ତ୍ରଣା ଦୂର ହୋଇଯିବ । ମାଂସପେଶୀ ଦରଜକୁ ମଧ ଏହା ଦୂର କରିବାରେ ସହାୟକ ହୋଇଥାଏ ।

## ଆପଣ ଜାଣନ୍ତି କି ?

- ଟ୍ୟୁଲିଫ୍ ଫୁଲ ଅତିବେଶୀରେ ୩ ଦିନ ପର୍ଯ୍ୟନ୍ତ ସତେଜ ରହିଥାଏ ।
- ଗଛରୁ ଏହା ଛିଣ୍ଡାହେଲା ପରେ ମଧଦୈନିକ ୧ ଇଞ୍ଚ ବଢ଼ିଥାଏ ।
- ଯୁକ୍ତରାଷ୍ଟ୍ର ଆମେରିକା ଟ୍ୟୁଲିଫ୍ ବ୍ୟବସାୟରେ ସବୁଠାରୁ ଅଗ୍ରଣୀ ।
- ତୁର୍କୀର ଜାତୀୟ ଫୁଲ ହେଉଛି ଟ୍ୟୁଲିଫ୍ ଫୁଲ ।
- ବିଶ୍ୱରେ ୩,୦୦୦ ପ୍ରଜାତିର ଟ୍ୟୁଲିଫ୍ ଫୁଲ୍ ଦେଖାଯାଏ । ଇଉରୋପରେ ଟ୍ୟୁଲିପ୍ ଫୁଲକୁ ଶୁଭର ପ୍ରତୀକ ମନେ କରାଯାଇଥାଏ ।
- ବିଦେଶର ଅଧିକାଂଶ ରେଷ୍ଟୋରାଁରେ ଏକ ଫୁଲ ରହିବା ବାଧ୍ୟତାମୂଳକ ।
- 'ପୁଫର୍' ନାମକ ଏ ମାଛ ବିଷାକ୍ତ ମାଛ ଭାବେ ଜଣାଯାଏ ।
- ଏହି ମାଛଟି 'ବ୍ଲୋ ଫିସ୍' ଓ 'ବେଲୁନ୍ ଫିସ୍' ନାମରେ ମଧ ଜଣାଯାଏ । କାରଣ ଏହି ମାଛଟି ଅତ୍ୟଧିକ ମାତ୍ରାରେ ପାଣି ଶୋଷିନେଇ ନିଜ ଶରୀରକୁ ବେଲୁନ୍ ଭଳି ଫୁଲାଇ ପାରେ ।
- ସମୁଦ୍ର ଗର୍ଭରେ ପ୍ରାୟ ୧୨୦ ପ୍ରଜାତିର ମାଛ ଦେଖାଯାଆନ୍ତି । ସେମାନଙ୍କ ମଧ୍ୟରୁ ପ୍ରାୟ ୨୯ ପ୍ରଜାତି ମଧୁର ଜଳରେ ବାସ କରନ୍ତି ।
- ଜାପାନରେ ଏହି ମାଛଟି 'ଫଗୁ' ନାମରେ ଜଣାଯାଏ । ଏଥିରୁ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ଜାପାନୀମାନେ ଖୁବ୍ ପସନ୍ଦ କରନ୍ତି । ଏହାକୁ ପ୍ରସ୍ତୁତ କରିବା ପାଇଁ ସେଫ୍‌ମାନେ ସ୍ୱତନ୍ତ୍ର ତାଲିମ ନେଇଥାନ୍ତି । ସେମାନେ 'ଫଗୁ ସେଫ୍' ନାମରେ ଜଣାଯାଆନ୍ତି ।

# ଶରୀର ପାଇଁ ବହୁ ଲାଭକାରୀ ଗାଜର

ଗାଜର ଭିଟାମିନରେ ଭରପୁର ଏକ ପରିବା । ସାଲାଡ୍ ହେଉ ବା ତରକାରୀ ଗାଜରର ଆଦର ରହିଛି । ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଗାଜର ନିୟମିତ ଖାଇବା ଦରକାର । ଏହାର ରସ ପିଇବା ଦ୍ୱାରା ରକ୍ତ ପରିଷ୍କାର ହୋଇଥାଏ ।



ପୁରୁଷର ଶୁକ୍ରାଣୁଜନିତ ସମସ୍ୟାକୁ ଏହା ଦୂର କରେ । ସେହିପରି ମହିଳାମାନଙ୍କ ମାସିକ ଧର୍ମରେ କୌଣସି ସମସ୍ୟା ଥିଲେ ଗାଜର ମଞ୍ଜି ସହିତ ଗୁଡ଼ ମିଶାଇ ଖାଇବା ଦ୍ୱାରା ଋତୁ ଅନିୟମିତତା ଦୂର ହୁଏ । ପାଚନ ସମ୍ବନ୍ଧୀୟ ସମସ୍ୟା ଥିଲେ ଦିନକୁ ଦୁଇଟି ଲାଲ୍ ଗାଜର ଖାଆନ୍ତୁ । ଗ୍ୟାସଟ୍ରିକ୍ ସମସ୍ୟା ଥିଲେ ଦିନକୁ ଦୁଇ ତିନିଥର ଗାଜର ଖାଇବା ଦରକାର । ଏହା ଶରୀରରୁ କ୍ଷତିକାରକ କୋଲେଷ୍ଟରଲର ମାତ୍ରାକୁ କମାଇଥାଏ । ରାତ୍ରିଭୋଜନ ପରେ ପୁରୁଷମାନେ ଏକ ଗ୍ଲାସ ଗାଜର ଜୁସ୍ ପିଇବା ଲାଭଦାୟକ । ମୁହଁରୁ ଦୁର୍ଗନ୍ଧ ଆସୁଥିଲେ ଗାଜର ଖାଆନ୍ତୁ । ଏହା ହାଡ଼କୁ ମଧ ମଜଭୁତ କରିଥାଏ । ଆଣ୍ଠୁଗଣ୍ଠି ସମସ୍ୟା ଥିଲେ ଦୈନିକ ଏହା ଖାଆନ୍ତୁ । ମଧୁମେହ ରୋଗୀମାନେ ଏହାର ରସ ପିଅନ୍ତୁ । ଗାଜରରେ ଥିବା ଫାଇବର୍ କୋଷ୍ଠକାଠିନ୍ୟରୁ ଦୂରେଇ ରଖେ । ପେଟ ପରିଷ୍କାର କରେ । ଗାଜରରେ ଥିବା ପଟାସିୟମ୍ ରକ୍ତଚାପକୁ ନିୟନ୍ତ୍ରିତ କରିଥାଏ ।

ଆଖିକୁ ସୁସ୍ଥ ରଖିବା ତଥା ଦୃଷ୍ଟିଶକ୍ତି ବୃଦ୍ଧି ପାଇଁ ଏହାର ବେଶ୍ ଆବଶ୍ୟକତା ରହିଛି । କାରଣ ଏଥିରେ ଭିଟାମିନ୍ ଏ ପ୍ରଚୁର ମାତ୍ରାରେ ରହିଛି । ଏଥିରେ ଥିବା ବିଟାକେରୋଟିନ୍ ଆଖିକୁ ସୁସ୍ଥ ରଖିଥାଏ । ଏହି ବିଟାକେରୋଟିନ୍ ଲିଭରକୁ ଯାଇ ସେଠି ଭିଟାମିନ୍ ଏ'ରେ ପରିବର୍ତ୍ତିତ ହୋଇଥାଏ । ଅନ୍ଧାରକଣା ପରି ରୋଗଠୁ ଏହା ଦୂରେଇ ରଖେ । ନିୟମିତ ଏହାର ରସ ସେବନ ଦ୍ୱାରା ଆଖି ସୁସ୍ଥ ରହେ ।

ଏହା ଆଣ୍ଟି ଏଜିଙ୍ଗ୍‌ର କାମ କରିଥାଏ । ଏଥିରୁ ମିଳୁଥିବା ବିଟାକେରୋଟିନ୍ ଆଣ୍ଟି ଅକ୍ସିଡାଣ୍ଟ ଆମ ଶରୀରର କୋଷକୁ ସୁରକ୍ଷା ଦେଇଥାଏ । ଏହାଦ୍ୱାରା ଶରୀର ସତେଜ ରହେ । ତ୍ୱଚାରେ ଭାଙ୍ଗପଡେ ନାହିଁ । ଏହା ସୂର୍ଯ୍ୟ କିରଣରୁ ତ୍ୱଚାକୁ ରକ୍ଷା କରିଥାଏ । ତ୍ୱଚାରେ ଚମକ ଆସେ । ଶରୀରରେ ଭିଟାମିନ୍ 'ଏ' କମ୍ ହେଲେ କେଶ, ନଖ ଓ ତ୍ୱଚା ଶୁଷ୍କ ହୋଇଯାଏ । ତେଣୁ ଗାଜର ଖାଇବା ଦରକାର । ଏହାର ପତ୍ର ମଧ ବେଶ୍ ଉପକାରୀ । ଗାଜର ପତ୍ରର ଉଭୟ ପାର୍ଶ୍ୱରେ ଘିଅ ଲଗାଇ ତାକୁ ଗରମ କରନ୍ତୁ । ଏଥିରୁ ରସ ବାହାର କରି ଦୁଇ ତିନି ବୁନ୍ଦା ନାକରେ ପକାଇବା ଦ୍ୱାରା ଅଧକପାଳୀ ଯନ୍ତ୍ରଣା ଦୂର ହୋଇଥାଏ ।

# ବହୁ ଦରକାରୀ ଭୃଷଙ୍ଗ ପତ୍ର

ଆୟୁର୍ବେଦ ଅନୁସାରେ ଭୃଷଙ୍ଗ ପତ୍ରରେ ଥିବା ପୋଷକତତ୍ତ୍ୱ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ଲିଭରକୁ ସୁସ୍ଥ ରଖେ ଏହି ପତ୍ର । ଜେନେରାଲ ଅଫ୍ ପ୍ଲାଣ୍ଟ ଫୁଡସ ଫର ନ୍ୟୁଟିସନ ଏକ ଅଧ୍ୟୟନ ଅନୁସାରେ ଭୃଷଙ୍ଗ ପତ୍ର ବ୍ଲଡ ସୁଗାର ସ୍ତର କମ୍ କରିଥାଏ । ନିୟମିତ ଖାଇଲେ ଓଜନ କମିଯାଏ । ଭୃଷଙ୍ଗ ପତ୍ରରେ ଭରପୁର ମାତ୍ରାରେ ଆଇରନ ଓ ଫଲିକ୍ ଏସିଡ୍ ରହିଛି । ଏହା ଆନେମିଆ ଦୂର କରେ ।



ଏଥିରେ ଗଚ୍ଛିତ ଭିଟାମିନ୍ 'ଏ' ଓ 'ସି' ଲିଭର ପାଇଁ ଭଲ । ଭୃଷଙ୍ଗ ପତ୍ର ଖାଇଲେ ଓଜନ ନିୟନ୍ତ୍ରଣରେ ରହେ । ଏହା କୋଷ୍ଠକାଠିନ୍ୟରୁ ବି ମୁକ୍ତି ଦିଏ । ଏହା ହୃଦରୋଗ ହେବାକୁ ଦିଏ ନାହିଁ । କୋଲେଷ୍ଟ୍ରୋଲ ସ୍ତରକୁ ମଧ ନିୟନ୍ତ୍ରିତ କରେ । ଏଥିରେ ଆଣ୍ଟି ଅକ୍ସିଡାଣ୍ଟ, ଆଣ୍ଟି ଭାଇରାଲ ଓ ଆଣ୍ଟି ଏଜିଂ ତତ୍ତ୍ୱ ରହିଥିବାରୁ ଭୃଷଙ୍ଗ ପତ୍ର ତ୍ୱଚା ସଂକ୍ରମଣ ସମସ୍ୟା ଦୂର କରେ ।

# କହିପାରିବେ କି ?

(୧) ଓଡ଼ିଶାର ପ୍ରଥମ ସ୍ନାତକ ଉପାଧିକାରୀ ବ୍ୟକ୍ତି କିଏ ?
(୨) 'ହେନେରୀ ରିସଲେ' କେଉଁ ବଡ଼ଲାଟଙ୍କ ସମୟରେ ଗୃହ ସଚିବ ଥିଲେ ?
(୩) ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ କେବେ ଗଠିତ ହେଲା ?
(୪) ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ କେଉଁ ରାଜ୍ୟର ରାଜା ଥିଲେ ?
(୫) ମୋତିଲାଲ ଘୋଷ କେଉଁ ପତ୍ରିକାର ସମ୍ପାଦକ ଥିଲେ ?
(୬) ସର୍ବାଧିକ ମୁସଲମାନ୍ ବାସ କରୁଥିବା ଦେଶର ନାମ କ'ଣ ?
(୭) ଭାରତରେ ସର୍ବାଧିକ ରୁପା ଉତ୍ପାଦନ କରୁଥିବା ରାଜ୍ୟର ନାମ କ'ଣ ?
(୮) ଗୁଜରାଟର ଅଙ୍କଲେଶ୍ୱର କ'ଣ ପାଇଁ ପ୍ରସିଦ୍ଧ ?
(୯) କେଉଁ ମହାଦ୍ୱୀପରେ ଆଟାକାମ୍ ମରୁଭୂମି ଅବସ୍ଥିତ ?
(୧୦) କେଉଁ ନଦୀ ହଳଦିଆ ନଦୀ ଭାବେ ମଧ ପରିଚିତ ?

## JUMBLE WORDS

| | | | |
|---|---|---|---|
| 1) MCNETE | = | 6) PGROEH | = |
| 2) NIYAML | = | 7) DLEER | = |
| 3) ZIMEA | = | 8) ETGAN | = |
| 4) AAPDN | = | 9) YAUPTO | = |
| 5) ORANWR | = | 10) WCDARO | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.୧୯୪୭ ମାର୍ଚ୍ଚ ୨୨ ,୨.୧୯୪୭ ଜୁଲାଇ ୧୮, ୩.ଭୀମରାଓ ରାମଜୀ ଆମ୍ବେଦକର, ୪.୧୮୫୪, ୫.ଫକିରମୋହନ ସେନାପତି, ୬.ମରହଟ୍ଟାମାନେ, ୭.କାଶୀନାଥ ଦାସ, ୮.କଟକର କମିଶନର, ୯.କଟକ ମିଶନ ପ୍ରେସ୍, ୧୦.ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ।

***Jumble Words*** **ର ଉତ୍ତର :-**

(1) FABLE (2) BLURT (3) PEANUT (4) PALACE (5) SINGE
(6) CLONE (7) BATTEN (8) GOSSIP (9) THEFT (10) BLUNT

## ସମ୍ବଲପୁରରୁ ଗୋରଖପୁରକୁ ସିଧା ଟ୍ରେନ୍ ଚଳାଇବାକୁ ଦାବି

ସମ୍ବଲପୁର : ସମ୍ବଲପୁରରୁ ଗୋରଖପୁରକୁ ଦୁଇଟି ଏକ୍ସପ୍ରେସ୍ ଟ୍ରେନ୍ ଚଳାଇବାକୁ ସମ୍ବଲପୁର ସାଂସଦ ନିତେଶ ଗଙ୍ଗଦେବ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖି ଦାବି ଜଣାଇଛନ୍ତି । ଶ୍ରୀ ଗଙ୍ଗଦେବ ଟ୍ରେନ୍ ନମ୍ବର ୧୫୦୨୭/୧୫୦୨୮ ହାତିଆ-ଗୋରଖପୁର- ହାତିଆ ମୌର୍ଯ୍ୟ ଏକ୍ସପ୍ରେସ୍‌କୁ ସମ୍ବଲପୁର ପର୍ଯ୍ୟନ୍ତ ସଂପ୍ରସାରଣ କରିବାକୁ ଦାବି କରିଛନ୍ତି । ଏହା ବ୍ୟତୀତ ଝାରସୁଗୁଡ଼ା, ରାଉରକେଲା, ଟାଟା, ପାଟ୍‌ନା, ପାଟଳିପୁତ୍ର, ସୋନପୁର, ଛାପ୍ରା ଦେଇ ସମ୍ବଲପୁରରୁ ଗୋରଖପୁର ପର୍ଯ୍ୟନ୍ତ ଏକ ନୂଆ ଟ୍ରେନ୍ ଚଳାଇବାକୁ ମଧ ପ୍ରସ୍ତାବ ଦେଇଛନ୍ତି । ସମ୍ବଲପୁରରେ ରହୁଥିବା ବିହାର ଓ ପୂର୍ବ ଉତ୍ତରପ୍ରଦେଶର ଲୋକମାନେ ସିଧାସଳଖ ଟ୍ରେନ୍ ନ ଥିବାରୁ ବହୁ ଅସୁବିଧା ଭୋଗୁଛନ୍ତି । ଭୋଜପୁରୀ ଯୁବ ଶକ୍ତି ସମ୍ବଲପୁରର ସଦସ୍ୟମାନେ ମୌର୍ଯ୍ୟ ଏକ୍ସପ୍ରେସ୍‌କୁ ସମ୍ବଲପୁର ପର୍ଯ୍ୟନ୍ତ ସଂପ୍ରସାରିତ କରିବାକୁ ବହୁ ଦିନରୁ ଦାବି କରି ଆସୁଛନ୍ତି । ପଶ୍ଚିମଓଡ଼ିଶାର ବିଭିନ୍ନ ଅଂଚଳରେ ବିହାର, ଉତ୍ତରପ୍ରଦେଶର ବହୁ ମୂଳ ବାସିନ୍ଦା ବସବାସ କରୁଥିବାରୁ ସେମାନଙ୍କର ଏହି ଦାବି ତୁରନ୍ତ ପୂରଣ କରିବା ସହ ୨୦୨୩-୨୪ ରେଳ ବଜେଟ୍‌ରେ ଗୋରଖପୁର ପର୍ଯ୍ୟନ୍ତ ନୂଆ ଗାଡ଼ି ଚଳାଇବାକୁ ମଧ ରେଳ ମନ୍ତ୍ରଣାଳୟ ବିଚାର କରୁ ବୋଲି ଶ୍ରୀ ଗଙ୍ଗଦେବ ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

## ଭିସୁଟ୍ ଛାତ୍ରଙ୍କ ଷ୍ଟାର୍ଟଅପ୍ ଦେଖି ଖୁସି ହେଲେ କେନ୍ଦ୍ରମନ୍ତ୍ରୀ

ବୁର୍ଲା : କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଓଡ଼ିଶାରେ ୫ଜି ସେବା ଆରମ୍ଭ କରାଯିବା ସମୟରେ ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ଛାତ୍ରଙ୍କ ଆଇକି-ଡ୍ରୋନ୍ସ ଟେଲିନାଇ ଏଫ୍‌ଏକ୍ସ୍‌ଏଭି ପରି ଅଭିନବ ପ୍ରଯୁକ୍ତିବିଦ୍ୟା ସଂପର୍କିତ ଷ୍ଟାର୍ଟ ଅପ୍ ପ୍ରଦର୍ଶନ କରାଯାଇଥିଲା । କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ଏନେଇ ଟୁଇଟ୍ କରି ଖୁସୀ ବ୍ୟକ୍ତ କରିଛନ୍ତି । ଭିସୁଟ୍ ଛାତ୍ରମାନଙ୍କ ଦ୍ୱାରା ଯୋଗାଯୋଗଭିତ୍ତିକ ଅଭିନବ ପ୍ରକଳ୍ପର ସଫଳତା ବିଷୟରେ ରେଳମନ୍ତ୍ରୀଙ୍କ ନିକଟରେ ଭିସୁଟ୍ ଛାତ୍ରମାନେ ଉତ୍ଥାପିତ କରିଥିଲେ । ଏହା ସହିତ ବୁର୍ଲା ଭିସୁଟରେ ୫ଜି-ଲ୍ୟାବ ପ୍ରତିଷ୍ଠା କରିବାର ଆବଶ୍ୟକତା ବିଷୟରେ ମଧ ମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ । ଯୋଗାଯୋଗ ଉଦ୍ୟୋଗ, ଷ୍ଟାର୍ଟ ଅପ୍, ଏସ୍‌ଟିପିଆଇ ଏକାଡ଼େମିଆ ଏବଂ ସରକାରୀ କଳର ଉପସ୍ଥିତିରେ ପାରସ୍ପରିକ ଆଲୋଚନା କରାଯିବା ଫଳରେ ଆଗାମୀ ଦିନରେ ଏହା ଭିସୁଟ୍‌କୁ ଅନେକ ସ୍ତରରେ ସଫଳତା ଦେଇପାରିବ । ଏପରି ଏକ କାର୍ଯ୍ୟକ୍ରମରେ ଭିସୁଟ୍‌କୁ ସୁଯୋଗ ଦେଇଥିବାରୁ ଟେଲିକମ ବିଭାଗକୁ ଭିସୁଟର ପ୍ରଫେସର ହରୀଶ ସାହୁ ଧନ୍ୟବାଦ ଦେଇଥିଲେ ।

## ସୁନ୍ଦରଗଡ଼ରେ ଅନୁକୂଳଚନ୍ଦ୍ରଙ୍କ ମନ୍ଦିର ପ୍ରତିଷ୍ଠା

ସୁନ୍ଦରଗଡ଼: ସୁନ୍ଦରଗଡ଼ ସହର ଅଙ୍ଗୀରାପାଟ ପାହାଡ ଉପର ସତସଙ୍ଗ ବିହାରଠାରେ ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ନବନିର୍ମିତ ଭବ୍ୟ ଶ୍ରୀମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରାତଃ ବେଦମାଙ୍ଗଳୀ ଏବଂ ସାହାନାଇ, ପରେ ଉଷା କୀର୍ତ୍ତନ, ପ୍ରାତଃ ନୀତି ପ୍ରାର୍ଥନା, ତାପରେ ସଦ୍‌ଗ୍ରନ୍ଥପାଠ କରାଯାଇଥିଲା । ମନ୍ଦିର ପରିସରରେ ଶ୍ରୀଶ୍ରୀ ବଡ଼ମା ଓ ଶ୍ରୀଶ୍ରୀ ବଡ଼ଦାଙ୍କର ଶ୍ରୀବିଗ୍ରହ ଉନ୍ମୋଚନ, ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ରଠାରେ ସଙ୍ଗୀତାଞ୍ଜଳୀ, ଆଧ୍ୟାତ୍ମିକ ସମ୍ମିଳନୀ, ତାପରେ ଭଜନ କୀର୍ତ୍ତନ, ମାତୃ ସମ୍ମିଳନୀପରେ ସନ୍ଧ୍ୟାରେ ସତସଙ୍ଗ ବିହାର ଠାରେ ସନ୍ଧ୍ୟା ପ୍ରାର୍ଥନା ଏବଂ ସଦଗ୍ରନ୍ଥ ପାଠ ତାପରେ ଦର୍ଶନ ଓ ପ୍ରଣାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଧନୁଯାତ୍ରାରେ ସଞ୍ଚାର କଳା

ବରଗଡ଼ : ବରଗଡ଼ ଧନୁଯାତ୍ରା ସହ ସଞ୍ଚାର କଳାର ଅଭିନ୍ନ ସମ୍ପର୍କ ରହିଛି । ପୂର୍ବରୁ ଟେଲିଭିଜନ ଓ ସିନେମା ଭଳି କୌଣସି ମନୋରଞ୍ଜନ କାର୍ଯ୍ୟକ୍ରମ ନ ଥିବାରୁ ପ୍ରାରମ୍ଭିକ ସମୟରେ ଧନୁଯାତ୍ରାରେ ସଞ୍ଚାର ହିଁ ମନୋରଞ୍ଜନର ପ୍ରମୁଖ ମାଧ୍ୟମ ଥିଲା । ସଞ୍ଚାର ଏକମାତ୍ର କଳା ଯେଉଁଥିରେ କଳାକାର ନିଜେ ଗୀତ ଗାଆନ୍ତି, ବାଦ୍ୟ ବଜାନ୍ତି ଓ ନୃତ୍ୟମଧ କରନ୍ତି । ସଞ୍ଚାର କଳାରେ ମୃଦଙ୍ଗ ବାଦ୍ୟର ତାଳେ ତାଳେ ଗୀତ ପ୍ରସ୍ତୁତ କରାଯିବା ସହ ନୃତ୍ୟ ମଧ ପ୍ରଦର୍ଶନ କରାଯାଇଥାଏ । ଏପରି କଳା ସାରା ପୃଥିବୀରେ ବିରଳ । ଧନୁଯାତ୍ରା ଆରମ୍ଭରେ ସ୍ଥାନୀୟ ହାଟପଦାଠାରେ ସଞ୍ଚାର କଳା ପରିବେଷଣ କରାଯାଉଥିଲା । ଧନୁଯାତ୍ରା ଆରମ୍ଭରୁ ମନବୋଧ ଭାଟ୍ ଦୀର୍ଘ ଚାରି ଦଶନ୍ଧି ଧରି ଏହି କଳା ଅନ୍ୟ କଳାକାରମାନଙ୍କ ସହ ପ୍ରଦର୍ଶନ କରିଥିଲେ । ତାଙ୍କୁ ବାଦ ଦେଇ ଦୁର୍ବାଦଳ ଦାଶ, ନୀଳମଣି କୈବର୍ତ୍ତ, ବିଦ୍ୟାଧର, ଅଭିମନ୍ୟୁ କୁମ୍ଭାର, ଦୟାନିଧି ତିଅର, ଗଜପତି ପଶାୟତ, ମାୟାଧର ଧୋବା, କୁନୁ ମାହାର, ପର୍ଶୁରାମ ଝରା, ବିପିନ ସେଠ, ଚତୁର୍ଭୁଜ ମିଶ୍ର, ରାଧାକାନ୍ତ ବାରିକ, ଚନ୍ଦ୍ରମା, ବାବାଜୀ ଶତପଥୀ, ସନ୍ତୋଷ ସେଠ, ବୈକୁଣ୍ଠ ଦୁଆନ, ପବିତ୍ର କର, ବିଶାଖା ରଣା, ମୁକ୍ତି ଓ ରାଧା ଏହା ପ୍ରଦର୍ଶନ କରିଥିଲେ । ପରିବର୍ତ୍ତୀ ସମୟରେ ଅଲେଖ ସାହୁ, କ୍ଷମାନିଧି ସାହୁଙ୍କ ସହ ଆହୁରି ବହୁ କଳାକାର ମଧ ସଞ୍ଚାରକୁ ଆଗକୁ ନେଇଛନ୍ତି । ବାହକ ଗାହାକ ପରମ୍ପରାରେ ମୁଖ୍ୟ କଳାକାରଙ୍କ ସହିତ ଦୁଇ ଜଣ ପାଳିଆ ମଧ ଥାଆନ୍ତି । ୧୯୮୯ ମସିହାରେ ଆନ୍ତର୍ଜାତିକ ସ୍ତରରେ ଜାପାନରେ ମଧ ଏହା ପ୍ରଦର୍ଶିତ ହୋଇଥିଲା । ଧନୁଯାତ୍ରାର ତତ୍କାଳୀନ ଆୟୋଜକ କୁନୁ ରଥ ସତୁରି ଦଶକରେ ଏହି କଳାରେ ନିଜେ କଳାକାର ହୋଇ ନ ଥିଲେ ମଧ ଅଗାଧ ଜ୍ଞାନ ରଖୁଥିବା ଶିକ୍ଷାବିତ୍ ସ୍ୱର୍ଗତ ପ୍ରସନ୍ନ ଦାଶଙ୍କ ସହ ବରଗଡ଼ରେ ପ୍ରଥମ ଥର ପାଇଁ ସଞ୍ଚାର କଳାକାର ସମ୍ମିଳନୀ ଆୟୋଜନ କରାଯାଇଥିଲା । ବର୍ତ୍ତମାନ ମଧ ସେହି ପରମ୍ପରାକୁ ବଜାୟ ରଖାଯାଇ ସେହି ସ୍ଥାନରେ ଧନୁଯାତ୍ରାର ଶୁଭସ୍ତମ୍ଭ ସ୍ଥାପନ କରାଯାଉଛି । ଯଦିଓ ବର୍ତ୍ତମାନ ସଞ୍ଚାର ଦେଖିବା ଲୋକଙ୍କ ସଂଖ୍ୟା ହ୍ରାସ ପାଇଛି ତଥାପି ଏହା ଧନୁଯାତ୍ରାର ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ରହିଆସିଛି । ପଚାଶ ଦଶକରୁ ଓଡ଼ିଶା ଓ ତତ୍କାଳୀନ ମଧ୍ୟପ୍ରଦେଶର କଳାକାର ବରଗଡ଼ ଆସି ସଞ୍ଚାର କଳା ପ୍ରଦର୍ଶନ କରୁଛନ୍ତି । ଯଦିଓ ଆଧୁନିକ ମନୋରଞ୍ଜନ ବ୍ୟବସ୍ଥାର ଉନ୍ନତି ଏହାକୁ ଦେଖିବା ପାଇଁ ଦର୍ଶକଙ୍କ ଭିଡ ଜମୁ ନାହିଁ ତଥାପି ଧନୁଯାତ୍ରା ଇତିହାସରେ ସଞ୍ଚାରର ସହଭାଗିତା ସବୁଦିନ ରହିଆସିବ ।

## ମହିମା ଆଶ୍ରମରେ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ

ଝାରସୁଗୁଡ଼ା: ପୌଷପୂର୍ଣ୍ଣିମା ତିଥିରେ ଲଖନପୁର ବ୍ଲକ୍ ପଞ୍ଚଗାଁ ପଞ୍ଚାୟତ ଅନ୍ତର୍ଗତ ମହିମା ଆଶ୍ରମ ମହିମାପୁରମ୍ ବିଜାପାଲିରେ ୩୮ତମ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ମହିମା ବାଲ୍ୟଲୀଳା ଉଦ୍‌ଯାପିତ ହୋଇ ଯାଇଛି । ବ୍ରହ୍ମାବଧୂତ ବୀରେନ୍ଦ୍ର କୁମାର ବାବାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଯଜ୍ଞର ପ୍ରଥମ ଦିବସରେ କଳସଯାତ୍ରା, ବ୍ରହ୍ମଧୂନି ସ୍ଥାପନ, ଅଖଣ୍ଡ ବ୍ରହ୍ମବତୀ ପ୍ରଜ୍ୱଳନ, ଆଠଭଜନ, ବ୍ରହ୍ମଧୂନିରେ ଘୃତାହୁତି ଆଦି କାର୍ଯ୍ୟକ୍ରମ ହୋଇଥିଲା । ଦ୍ୱିତୀୟ ଦିବସରେ ସ୍ତୁତି ପ୍ରାର୍ଥନା, ଅବକାଶ ଜଣାଣ, ମହିମା ମହାପ୍ରସାଦ ଅର୍ପଣ ଆଦି ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ବ୍ରହ୍ମାବଧୂତ ବୀରେନ୍ଦ୍ର ବାବାଙ୍କ ଅମୃତ୍‌ରେ ଭଜନ,



ସତ୍‌ସଙ୍ଗ ଓ ପ୍ରବଚନ ଆଦି ସହିତ ବ୍ରହ୍ମନିରୂପଣ ଗୀତାର ବ୍ୟାଖ୍ୟା (ହିନ୍ଦୀ), ଭୀମ ଭୋଇ କିଏ କେଣ କାହିଁକି ଓ ମନୁସଭା ମଣ୍ଡଳ ପୁସ୍ତକ ଉନ୍ମୋଚିତ ହୋଇଥିଲା । ଛତିଶଗଡ ମହିମା ଧର୍ମାଲୋଚନା ସମିତି ସମ୍ପାଦକ ଭକ୍ତ ତ୍ରିଲୋଚନ ପଟେଲ ମହିମା ଧର୍ମ ବିଷୟରେ ଆଲୋକପାତ କରିଥିଲେ । ଏହି ଗ୍ରନ୍ଥକୁ ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି ଭାବେ ଉନ୍ମୋଚନ କରିଥିଲେ । ବ୍ରହ୍ମଯଜ୍ଞରେ ବ୍ରହ୍ମାବଧୂତ ବୀରେନ୍ଦ୍ର ବାବା, ବ୍ରହ୍ମାବଧୂତ ତୁଳାରାମ ବାବା, ସାଧୁ କଶ୍ୟପ ଦାସ, ସାଧୁ ଦାରୁକ ଦାସ, ମଦନ ଦାସ, ବିଶ୍ୱଧା ନନ୍ଦ ଦାସ, ସ୍ୱରୂପା ଦାସ, ଅମୃତ ଦାସ, ଅଭୟ ଦାସ, ମହେନ୍ଦ୍ର ତ୍ୟାଗୀ, ନରହର ତ୍ୟାଗୀ ପ୍ରମୁଖ ସାଧୁସନ୍ଥ ଯୋଗଦେଇ ଯଜ୍ଞରେ ଘୃତାହୁତି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଛତିଶଗଡ ଓ ଓଡିଶାର ବିଭିନ୍ନ ଜିଲ୍ଲାରୁ ୪୦ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା ।

## ଦୁର୍ଘଟଣା ପ୍ରବଣ ଅଇଁଠାପାଲିରେ ୨୪ ଜଣ ମଲେଣି

ସମ୍ବଲପୁର : ସମ୍ବଲପୁରର ପ୍ରବେଶ ଦ୍ୱାର ଅଇଁଠାପାଲି ଛକ ଦୁର୍ଘଟଣା ପ୍ରବଣ ହୋଇଛି । ଏହା ସମ୍ବଲପୁର ସହରର ସବୁଠାରୁ ବ୍ୟସ୍ତବହୁଳ ଛକ । ଅଇଁଠାପାଲି ଛକ ଦେଇ ୫୩ ନମ୍ବର ଜାତୀୟ ରାଜପଥ ଯାଇଥିବା ବେଳେ ସମ୍ବଲପୁର-ଝାରସୁଗୁଡ଼ା ରାଜ୍ୟ ରାଜପଥ ଛକକୁ ସଂଯୋଗ କରୁଛି । ଦିନ ରାତି ୨୪ ଘଣ୍ଟା ଏହି ଛକରେ ଗାଡ଼ିମୋଟର ଭିଡ଼ ରହେ । ଦୁର୍ଘଟଣା ସଂଖ୍ୟା ଏହି ଛକ ଅଞ୍ଚଳରେ ଏତେ ପରିମାଣରେ ବୃଦ୍ଧି ପାଇଛି ଯେ, ଲୋକେ ଏହି ଛକ ଦେଇ ଯିବାକୁ ବି ଭୟ କରୁଛନ୍ତି । ନୂଆବର୍ଷ ସକାଳେ ପୁଲିସଗାଡ଼ି ଧକ୍କା ହେବା ପରେ ଚାଳକଙ୍କ ମୃତ୍ୟୁ ଘଟିଥିଲା । ତାପରେ କଲେଜ୍ ଆସୁଥିବା ବେଳେ ଜଣେ ଛାତ୍ରୀଙ୍କ ଉପରେ ଟ୍ରକ୍ ଚଢ଼ି ଯାଇଥିଲା । ବର୍ଷ ଆରମ୍ଭରୁ ଘଟିଥିବା ଏହି ୨ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିବା ପରେ ଲୋକଙ୍କ ଭୟ ଦ୍ୱିଗୁଣିତ ହୋଇଛି । ଛକରେ ଫ୍ଲାଇଓଭର୍ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଲୋକଙ୍କୁ ଭୁଆଁ ବୁଲାଯାଉଥିବା ବେଳେ ଏବେ ପୁଣିଥରେ ଏଥିପାଇଁ ଦାବି ଜୋର୍ ଧରିଛି । ୨୦୨୨ରୁ ବର୍ତ୍ତମାନ ସୁଦ୍ଧା ଅଇଁଠାପାଲି ଛକ ନିକଟସ୍ଥ ଅଞ୍ଚଳରେ ଦୁର୍ଘଟଣାରେ ୨୪ ଜଣଙ୍କର ମୃତ୍ୟୁ ହୋଇ ସାରିଲାଣି । ଫ୍ଲାଇଓଭର ନିର୍ମାଣ ହେଲେ ହିଁ ଅଇଁଠାପାଲି ଠାରୁ ରେମେଡ୍ ଅଞ୍ଚଳ ମଧ୍ୟରେ ଘଟୁଥିବା ଦୁର୍ଘଟଣା ହ୍ରାସ ପାଇବ ବୋଲି ବୁଦ୍ଧିଜୀବୀମାନେ ମତ ରଖୁଛନ୍ତି । ଏବେ ସାମାଜିକ ଗଣମାଧ୍ୟମରେ ଫ୍ଲାଇଓଭର୍ ନିର୍ମାଣ ପାଇଁ ଦାବି ଜୋର୍ ଧରିଛି ।

## ମା' ସମଲେଇଙ୍କ ପୁଷ୍ୟାଭିଷେକ

ସମ୍ବଲପୁର: ପୌଷ ପୂର୍ଣ୍ଣିମା ତିଥିରେ ରୀତିନୀତି ଅନୁଯାୟୀ ମା' ସମଲେଇଙ୍କ ପୁଷ୍ୟାଭିଷେକ ନୀତି ସମ୍ପନ୍ନ ହୋଇଯାଇଛି । ସକାଳେ ମନ୍ଦିର ପୂଜକମାନେ ଦେବୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ । ପରେ ୮ଟାରେ ମହାଆଳତି ପରେ ପୁଣି ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ମୁଖ୍ୟପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ପ୍ରକାଶ ରାୟ, ପ୍ରଶାନ୍ତ ରାୟ, କୁମାର ରାୟ, ଓକିଲ ରାୟ ପ୍ରମୁଖ ପୂଜକମାନେ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସୂଚନାଯୋଗ୍ୟ, ରାଜପୁତ କ୍ଷେତ୍ରୀୟ ସମାଜ ପକ୍ଷରୁ ରାଜାଭିଷେକ ହୋଇଥାଏ । କିନ୍ତୁ ବିଗତ ଦୁଇବର୍ଷ ହେବ କରୋନା ମହାମାରୀ ଯୋଗୁ ଏହା ହୋଇପାରି ନାହିଁ । ଚଳିତବର୍ଷ ମଧ ରାଜାଭିଷେକ ଉତ୍ସବ ଆୟୋଜନ ହୋଇନାହିଁ । ପରମ୍ପରାନୁସାରେ ଏହିଦିନ ପୂଜକମାନେ ରାଜଗୁରୁ, କୂଳପୁରୋହିତ ଓ କୁଳଗୁରୁଙ୍କୁ ରାଜାଭିଷେକ କରି ଆଶୀର୍ବାଦ ଦେଇଥାନ୍ତି ।

## ଅଇତାପାଲିରେ ଦିବ୍ୟ ଦର୍ଶନ ବନ୍ଧୁ ମିଳନ

ଝାରସୁଗୁଡ଼ା: ନବବର୍ଷ ପାଳନ ଅବସରରେ ଅଇତାପାଲି ନିକଟସ୍ଥ ଗଭରୀ ବୃତ୍ତ ଗ୍ରାମର ତେଲେନ ନଦୀ କୂଳରେ ଦିବ୍ୟ ଦର୍ଶନ ବନ୍ଧୁ ମିଳନ ଉପଲକ୍ଷେ ଅନୁଷ୍ଠିତ ଜ୍ଞାନ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସମ୍ବଲପୁର ସଭାପତି ଗୋପୀନାଥ ଷଡ଼ଙ୍ଗୀ, କେନ୍ଦ୍ରୀୟ କମିଟିର ସଦସ୍ୟଦ୍ୱୟ ରତ୍ନାକର ପ୍ରଧାନ ଓ ସୁରେଶ ନାୟକ, ଲକ୍ଷ୍ମଣ ପଟେଲ, ନରସିଂହ ମେହେର, ସଂପାଦକ ରାଜ କୁମାର ପଟେଲ, ବିଭିନ୍ନ ଦିଗରୁ ଆଧାତ୍ମିକ ଆଲୋଚନା କରିଥିଲେ ।

## ୧୩ ରୁ ଶ୍ରୀମଦ ଭାଗବତ କଥା ସପ୍ତାହ ଭକ୍ତିଜ୍ଞାନ ଯଜ୍ଞ

ସମ୍ବଲପୁର : ଚଳିତ ମାସ ୧୩ ରୁ ୧୯ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ମହାନ୍ତିପଡା ସ୍ଥିତ ଦଧିବାମନ କଲ୍ୟାଣ ମଣ୍ଡପ ଠାରେ ଶ୍ରୀମଦ ଭାଗବତ କଥା ସପ୍ତାହ ଭକ୍ତିଜ୍ଞାନ ଯଜ୍ଞ ଅନୁଷ୍ଠିତ ହେବ । ଏଥିରେ ବୃନ୍ଦାବନ ନିବାସୀ ବାବା ହରେକୃଷ୍ଣ ଦାସ ପ୍ରତ୍ୟହ ଅପରାହ୍ନ ୩ଟା ରୁ ୬ଟା ପର୍ଯ୍ୟନ୍ତ ପ୍ରବଚନ ଦେବେ । ଏଥି ସକାଶେ ପୂର୍ବତନ ସାଂସଦ ସୁଶ୍ରୀ ପ୍ରମିଳା ବହିଦାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକରେ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରାଯାଇଛି । ଏହି ବୈଠକରେ ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ଇଂ ଶ୍ରୀକାନ୍ତ ପାଣିଗ୍ରାହୀ, ଭୋଳାନାଥ ଟିବ୍ରେୱାଲ, ଇଂ ପଦ୍ମନାଭ ଗୌଡ଼, ବାବାଜୀ ପଟ୍ଟନାୟକ, ପାର୍ଥସାରଥୀ ଦାନୀ, ରାଜେନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆରବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra


8 - 14 January 2023



# ନୃସିଂହ ଗୁରୁଙ୍କ ୩୯ ତମ ଶ୍ରାଦ୍ଧୋତ୍ସବର କିଛି ଝଲକ୍








# ନୃସିଂହ ଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ





ସମ୍ବଲପୁର : ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରଖ୍ୟାତ ସାମ୍ବାଦିକ ସ୍ୱର୍ଗତ ନୃସିଂହ ଗୁରୁଙ୍କ ୩୯ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ମନ୍ଦଲିଆ ସ୍ଥିତ ନୃସିଂହ ଗୁରୁ ପାର୍କରେ ଥିବା ତାଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ପୂର୍ବାହ୍ନରେ ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ପାର୍କରେ ପହଞ୍ଚି ସ୍ୱର୍ଗତ ଗୁରୁଙ୍କ ତ୍ୟାଗପୂତ ଜୀବନର ସ୍ମୃତିଚାରଣ କରିବା ସହ ତାଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଅବସରପ୍ରାପ୍ତ ଶିକ୍ଷା ମଣ୍ଡଳାଧୀଶ ଅରବିନ୍ଦ ମହାପାତ୍ର, ପୂର୍ବତନ ରାଜ୍ୟସଭା ସାଂସଦ ସୁଶ୍ରୀ ପ୍ରମିଳା ବହିଦାର, ଭାରତୀୟ ଜନତା ପାର୍ଟିର ସମ୍ବଲପୁର ଜିଲ୍ଲା ସଭାପତି ଗିରିଶ ପଟେଲ, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ଚାଷୀ ନେତା ଶଶୀଭୂଷଣ ତ୍ରିପାଠୀ, ଶ୍ରମିକ ନେତା ରତିକାନ୍ତ ମହାନ୍ତି, ସମାଜସେବୀ କାର୍ତ୍ତିକ ପ୍ରସାଦ ବହିଦାର, ରାଜେନ୍ଦ୍ର ଶତନାମୀ, ଆଇନଜୀବୀ ଦୀନଦୟାଲ ଅଗ୍ରୱାଲ, କମଳ ସୋନି, ବାବାଜୀ ପଟ୍ଟନାୟକ, ବିଜେଡି ନେତ୍ରୀ ପଦ୍ମାଳୟା ପଟ୍ଟନାୟକ, ଶିକ୍ଷୟିତ୍ରୀ କଲ୍ୟାଣୀ ମିଶ୍ର, ଦିଲୀପ ପୃଷ୍ଟି ପ୍ରମୁଖଙ୍କ ସମେତ ସମଲେଶ୍ୱରୀ କଲେଜର ଅଧାପକ ଅଧାପିକା ଓ ଛାତ୍ର ଛାତ୍ରୀ ମାନେ ସ୍ୱର୍ଗତ ଗୁରୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।






# ପବ୍ଲିକ ଲାଇବ୍ରେରୀ କର୍ମକର୍ତ୍ତାଙ୍କ ପିଡବ୍ଲ୍ୟୁଡି ଅଫିସ୍ ସମ୍ମୁଖରେ ଧାରଣା

ସମ୍ବଲପୁର : ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ଉନ୍ନତି କରଣ ପାଇଁ ଆଦିତ୍ୟ ଆଲୁମିନା ତରଫରୁ ୨୦୨୦ ମସିହାରେ ଦିଆଯାଇଥିବା ୧୦ଲକ୍ଷ ଟଙ୍କା ପୂର୍ତ୍ତ ବିଭାଗରେ ଜମା କରାଯାଇଥିଲେ ମଧ କୌଣସି କାମ ଏ ପର୍ଯ୍ୟନ୍ତ ହୋଇ ନ ଥିବା ପ୍ରତିବାଦ କରି ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀର ଅଧକ୍ଷ



ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ନେତୃତ୍ୱରେ ସଭ୍ୟମାନେ ପିଡବ୍ଲ୍ୟୁଡି ଏସ୍.ଇ ଅଫିସ୍ ସମ୍ମୁଖରେ ଧାରଣା ଦେଇଥିଲେ । ଏହି ଧାରଣାରେ ଅନ୍ୟାନ୍ୟ ମାନଙ୍କ ମଧରେ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ଅରବିନ୍ଦ ମହାପାତ୍ର, ଗୋପରଞ୍ଜନ ଦୁବେ, ଶଙ୍କର ପ୍ରସାଦ ପତି, ପ୍ରଫେସର କାମଦେବ ସାହୁ, ପ୍ରଫେସର ରବିନାରାୟଣ ମିଶ୍ର, ରାଜେନ୍ଦ୍ର କୁମାର ପଣ୍ଡା, ରତିକାନ୍ତ ମହାନ୍ତି, ରଘୁନାଥ ମିଶ୍ର, ରାଜେନ୍ଦ୍ର କୁମାର ପଣ୍ଡା, ନିରୁପମା ବଡ଼ପଣ୍ଡା ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ ।



# ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ଜାଗୃତି ଉତ୍ସବ





ବୁର୍ଲା : ଏମ୍.ସି.ଏଲ୍‌ର ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ଆୟୋଜିତ ଦୁଇଦିନିଆ ଜାଗୃତି ଉତ୍ସବ ସି.ଏମ୍.ଡି ଶ୍ରୀ ଓ.ପି. ସିଂଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଏମ୍.ସି.ଏଲ୍‌ର କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ବିତ୍ତ ନିର୍ଦ୍ଦେଶକ ଅଜିତ ବେହୁରା ଓ ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବ କୁମାର ପଟେଲ, ଜାଗୃତି ମହିଳା ମଣ୍ଡଳର ଅଧକ୍ଷା ଶ୍ରୀମତୀ ପଦ୍ମଜା ସିଂ, ସରିତା ପଟେଲ, ରଶ୍ମି ବେହୁରା, ଆରତୀ ବୋରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଆୟୋଜିତ ପ୍ରଦର୍ଶନୀରେ ୪୫ଟି ଦୋକାନ ଖୋଲାଯାଇଛି । ଏହି ଦୋକାନ ମାନଙ୍କରେ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ସାଙ୍ଗକୁ ଖାଦ୍ୟ ଦ୍ରବ୍ୟ ଓ ଅନ୍ୟାନ୍ୟ ଜିନିଷ ବିକ୍ରୀ ହେଉଛି ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra